ଧରିତ୍ରୀ
DHARITRI
September 14-20, 2025 ₹2/-

ଧରିତ୍ରୀ
DHARITRI
51
Years

ଛୁଟିଦିନ



# ଅସ୍ତ୍ର ପୂଜା

ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛି ପାରମ୍ପରିକ ଅସ୍ତ୍ର ପୂଜା ବିଧି । ସେଥିମଧ୍ୟରୁ ଓଡ଼ିଆ ପାଇକ ଦଳବେହେରାଙ୍କ ଅସ୍ତ୍ର ପୂଜାବିଧି କିଛିଟା ସ୍ୱତନ୍ତ୍ର...

୩
ପ୍ରଚ୍ଛଦ ପ୍ରସଙ୍ଗ



# ଫିଟିକିରିର ବାସ୍ତୁ ମହତ୍ତ୍ୱ

**ଆଣ୍ଟିସେପ୍ଟିକ୍ ଗୁଣରେ ଭରା ଫିଟିକିରିର ବାସ୍ତୁ ମହତ୍ତ୍ୱ ବି ଯଥେଷ୍ଟ ରହିଛି। ଘର ହେଉ କି କର୍ମକ୍ଷେତ୍ରର ସକରାତ୍ମକତା ବଜାୟ ରଖିବାରେ ଏହା ବେଶ୍ ପ୍ରଭାବଶାଳୀ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ଯେମିତିକି...**



* ପରିବେଶର ନକରାତ୍ମକ ଶକ୍ତିକୁ ଶୋଷଣ କରିବାର ଏକ ବିଶେଷ କ୍ଷମତା ଫିଟିକିରିରେ ରହିଛି। ପ୍ରତିଦିନ ପାଣିରେ ଟିକିଏ ଫିଟିକିରି ମିଶାଇ ଘର ପୋଛିଲେ ; ଏହା ଘରୁ ଦୁଃଖ, ଚାପ ଓ ନକରାତ୍ମକତାକୁ ଦୂର କରିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।
* ବ୍ୟବସାୟରେ କ୍ଷତି ହେଉଥିଲେ ; କଳା କପଡ଼ାରେ ଫିଟିକିରି ବାନ୍ଧି ବ୍ୟବସାୟ କ୍ଷେତ୍ରର ମୁଖ୍ୟ ଦ୍ୱାରରେ ଟାଙ୍ଗିଦେଲେ, ବ୍ୟବସାୟରେ ସମୃଦ୍ଧି ହେବା ସହ ଖରାପ ନଜର ପ୍ରଭାବରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।
* ପିଲାମାନେ ରାତିରେ ସ୍ୱପ୍ନ ଦେଖି ଡ଼ରୁଥିଲେ, ମଙ୍ଗଳବାର କିମ୍ବା ଶନିବାର ରାତିରେ ଶୋଇବା ସମୟରେ ସେମାନଙ୍କ ଶେଯ ପାଖରେ କିଛି ଫିଟିକିରି ରଖିଦେଲେ ନିଦ ଭଲ ହେବା ସହ ସେମାନଙ୍କୁ ଆଉ ଦୁଃସ୍ୱପ୍ନ ଆସି ନଥାଏ।
* ପତ୍ନି-ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲେ, କଳା କପଡ଼ାରେ ଫିଟିକିରି ବାନ୍ଧି ସେମାନଙ୍କ ଶେଯ ତଳେ ରଖିଦେଲେ ସମ୍ପର୍କ ନିବିଡ଼ ହେବା ସହ ମାନସିକ ଚାପ ହ୍ରାସ ପାଏ ବୋଲି ବିଶ୍ୱାସ କରାଯାଏ।
* ଦୀର୍ଘ ଦିନ ଧରି ଋଣ ସୁଝି ପାରୁ ନଥିଲେ, ବୁଧବାର ଦିନ ଖଣ୍ଡେ ଫିଟିକିରିରେ ସିନ୍ଦୁର ଲଗାଇ, ତାହାକୁ ପାନ ପତ୍ର ଓ ସୂତାରେ ଗୁଡ଼ାଇ ସନ୍ଧ୍ୟାବେଳେ ଅଶ୍ୱତ୍ଥ ଗଛ ମୂଳରେ ପୋତି ଦେଲେ ଏ ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୪-୨୦, ୨୦୨୫

**ମେଷ**



ଦୁର୍ବଳତା ଜନିତ ସ୍ୱାସ୍ଥ୍ୟହାନୀ, ଅଭାବରୁ କାର୍ଯ୍ୟସ୍ଥଗିତ, ଭୁଲ୍ ବୁଝାମଣାରୁ କଳହ, ପୂର୍ବଶତ୍ରୁତାରୁ କଳହ, ପଡୋଶୀଙ୍କ ସୁପରାମର୍ଶ, ସାମ୍ବାଦିକତାରୁ ଗୌରବ, ଚଳଚ୍ଚିତ୍ରରେ ବିବାଦ, ଯାନ ବାହନରେ ତ୍ରୁଟି ॥

**ବୃଷ**




ବୈଷୟିକ ସୁଖସମୃଦ୍ଧି, ଖଳବ୍ୟକ୍ତିଙ୍କ ଅପପ୍ରଚାର, ମାନସିକ ଦ୍ୱନ୍ଦ୍ୱରୁ ଅଶାନ୍ତି, ରାଜନୈତିକ ଆଲୋଚନା, ଅଜଣା ବ୍ୟକ୍ତିଙ୍କ ବିତର୍କ, ଆତ୍ମୀୟ ମାନଙ୍କ ସାହାଯ୍ୟ, ଆନୁଷ୍ଠାନିକ କାମରେ ଦକ୍ଷତା, ସାହିତ୍ୟକୃତିରୁ ସମ୍ବର୍ଦ୍ଧନା ॥

**ମିଥୁନ**



ପରିଜନସହ ଭ୍ରମଣ, ଖର୍ଚ୍ଚ ପରିମାଣ ବୃଦ୍ଧି, ମାନସିକ ସ୍ଥିତି ବିଗିଡ଼ିବ, ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରତିବନ୍ଧକ ଦୂରେଇଯିବ, ପାରିବାରିକ ଅଶାନ୍ତି, ମାନସିକ ଦ୍ୱନ୍ଦ୍ୱର ଅବସାନ, ନିର୍ମାଣକାର୍ଯ୍ୟର ପୂର୍ଣ୍ଣାଙ୍ଗତା, ନୂତନ ବନ୍ଧୁ ସମ୍ପର୍କ ॥

**କର୍କଟ**




ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ଉପରିସ୍ଥଙ୍କ ପରାମର୍ଶ, ଆର୍ଥିକ ଅନଟନ, ମିତ୍ରବନ୍ଧୁଙ୍କ ବିରୋଧାଭାଷ, ସନ୍ତାନଙ୍କ ବିଶୃଙ୍ଖଳା, କ୍ରୀଡ଼ାକଳାରେ ସୁନାମ, ମକଦ୍ଦମାରେ ବିଜୟ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ॥

**ସିଂହ**



କୌଶଳରେ କାର୍ଯ୍ୟ ସାଧନ, ସ୍ୱଜନ ସମ୍ପର୍କରେ ଉନ୍ନତି, ଭ୍ରାତୃବିବାଦର ଅବସାନ, ଜମିଜମା ରେଜିଷ୍ଟ୍ରେସନ, ଋଣ ପରିଶୋଧ କରିବେ, ସ୍ତ୍ରୀଙ୍କ ପ୍ରେରଣାରୁ କାର୍ଯ୍ୟସିଦ୍ଧି, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ନୂତନ ଯାନ ବାହାନ କ୍ରୟ, ଦୃଢୀଭୂତ ବନ୍ଧୁ ସମ୍ପର୍କ ॥

**କନ୍ୟା**



ପାରିବାରିକ ଶାନ୍ତି, ସୁସ୍ଥ ମାନସିକତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, କର୍ମକ୍ଷେତ୍ରରେ ବିବାଦ, ବ୍ୟବସାୟରେ ଉନ୍ନତି, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତାରୁ କଳହ, ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ, ଯୋଗ ସାଧନାରେ ରୁଚି, ଅଭିଳଷିତ କାର୍ଯ୍ୟ ସାଧନ ॥

**ତୁଳା**




ଶାରୀରିକ ଅସୁସ୍ଥତା, ଜମା ଟଙ୍କା ପାଇବେ, ମିତ୍ରବନ୍ଧୁଙ୍କ ସୌଜନ୍ୟତା, ନୂତନ ଗୃହାରମ୍ଭର ଯୋଜନା, କର୍ମକ୍ଷେତ୍ରରେ ଗୌରବ ବୃଦ୍ଧି, ଆଇନ ସହାୟତା ପାଇବେ, ବଦଳି ସ୍ଥଗିତ ରହିପାରେ, ସଭା ସମିତିରେ ସମ୍ମାନ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ॥

**ବିଛା**



ଅବହେଳାରୁ କାର୍ଯ୍ୟହାନୀ, କୈଫିୟତ ତଲବ ହୋଇପାରେ, ବିବାଦର ସମାଧାନ, ସଙ୍ଗୀତପ୍ରିୟ ହେବେ, ଆର୍ଥିକ ସ୍ଥିତିରେ ପରିବର୍ତ୍ତନ, ଦୁର୍ବଳତା ଦୂର ହେବ, ଘର ସାଜସଜ୍ଜା କରିପାରନ୍ତି, ଆତ୍ମୀୟଙ୍କ ଆତ୍ମୀୟତା, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**




ସମସ୍ୟାର ଅନ୍ତ ଘଟିବ, କାର୍ଯ୍ୟ ବ୍ୟସ୍ତତାରୁ ଟେନ୍ସନ, ସାମୟିକ ଅସୁସ୍ଥତା, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ ଦୁଶ୍ଚିନ୍ତା, ସନ୍ତାନଙ୍କ କୃତି ଓ କୃତିତ୍ୱ, ଅଭାବ ଦୂରେଇଯିବ, ବୃତ୍ତିବାଣିଜ୍ୟରେ ଉନ୍ନତି, ବିଦେଶ ଯାତ୍ରାର ସୁଯୋଗ ॥

**ମକର**



ବନ୍ଧୁ ମିଳନରୁ ଆନନ୍ଦ, ପ୍ରିୟଜନଙ୍କ ହତାଦର, ଅଶୌଚ ଖବର ପାଇପାରନ୍ତି, ପରିସ୍ଥିତିକୁ ସଜାଡି ନେବେ, ଯୋଜନା ବଦଳାଇପାରନ୍ତି, ଦୂରଯାତ୍ରା କରିବେ, ପ୍ରତ୍ୟାବର୍ତ୍ତନରେ ସମସ୍ୟା, ଆର୍ଥିକ ଦୁରବସ୍ଥାର ଦୁଃଖ, ଭ୍ରାତୃ ସମ୍ପର୍କରେ ଉନ୍ନତି, ସୌଖୀନ ଜିନିଷ କିଣିବେ ॥

**କୁମ୍ଭ**



ଆରୋଗ୍ୟ ଲାଭ କରିବେ, ଆର୍ଥିକ ଅଭିବୃଦ୍ଧି ଘଟିବ, ଶୁଭଖବର ପାଇବେ, ଶତ୍ରୁତାର ସମାଧାନ ହେବ, ମଧ୍ୟସ୍ଥତାରୁ ସମାଲୋଚନା, ପ୍ରତିବେଶୀଙ୍କ ସହାନୁଭୂତି, ସାମାଜିକ ସ୍ତରରେ ସମ୍ମାନ, ପରିବାରରେ ମତଭେଦ ॥

**ମୀନ**



କର୍ମପ୍ରବାହର ଗତିରୋଧ, ଅସ୍ଥିରତା ଦୂର ହେବ, ପଦାଧିକାରୀଙ୍କ ପ୍ରତିଶ୍ରୁତି, ସୀମାବିବାଦର ଅବସାନ, ସ୍ଥାନାନ୍ତର ହୋଇପାରେ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, କଚେରୀ ମାମଲାରେ ବାଇଦା, ଧର୍ମାନୁଷ୍ଠାନରେ ସହଯୋଗ, ସାଂଗଠନିକ କାର୍ଯ୍ୟର ନେତୃତ୍ୱ ॥

# କେଉଁ ରୋଷେଇ ସାମଗ୍ରୀ ସମ୍ପୂର୍ଣ୍ଣ ସରିଯିବା ଅଶୁଭ

ଘରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଉଛି ରୋଷେଇ ଘର। ମା' ଅନ୍ନପୂର୍ଣ୍ଣା ଏଠାରେ ବାସ କରିଥାନ୍ତି। ତାଙ୍କ କୃପା ଥିଲେ ଘରେ ଅଭାବ ଦେଖାଯାଏନି। ଆଉ ରୋଷ ହେଲେ ଯେତେ ରୋଜଗାର କଲେ ବି ଅଣ୍ଟେନି। ମା' ଅନ୍ନପୂର୍ଣ୍ଣା ରୋଷ ହେବାର ଏକ କାରଣ ରୋଷେଇ ଘରର କିଛି ସାମଗ୍ରୀ ବି ହୋଇପାରେ। ଅର୍ଥାତ୍ ରୋଷେଇ ଘରେ ଏମିତି କିଛି ସାମଗ୍ରୀ ରହିଛି ; ଯାହା ସମ୍ପୂର୍ଣ୍ଣ ସରିଗଲେ ମା' ଅନ୍ନପୂର୍ଣ୍ଣାଙ୍କୁ ଭଲ ଲାଗେନି। ଯାହାର ଫଳସ୍ୱରୂପ ଘରେ ଅଭାବ ଅସୁବିଧା ଲାଗିରହେ। ଯେମିତିକି, **ଚାଉଳ:** ଏହା ଏମିତି ଏକ ଖାଦ୍ୟ ସାମଗ୍ରୀ ; ଯାହାକୁ ଆମେ ପ୍ରତିଦିନ ଖାଇବା ପାଇଁ ରାନ୍ଧୁ। ପୂଜାରେ ଅରୁଆ ଚାଉଳ ବି ବ୍ୟବହାର ହୁଏ। ତେଣୁ ରୋଷେଇ ଘରେ ଥିବା ଚାଉଳ ଡ଼ବାକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ। ଚାଉଳ ଡ଼ବା ସମ୍ପୂର୍ଣ୍ଣ ଖାଲି ହେଲେ ଶୁକ୍ର ଗ୍ରହ



ଦୁର୍ବଳ ହୋଇଯାଏ ; ଯଦ୍ୱାରା ଘରେ ସମସ୍ୟା ସୃଷ୍ଟି ହୁଏ। **ହଳଦୀ:** ଏହାକୁ ରୋଷେଇ ବ୍ୟତିତ ଅନେକ ଶୁଭ କାର୍ଯ୍ୟରେ ବି ବ୍ୟବହାର କରାଯାଏ। ତେଣୁ ରୋଷେଇ ଘରେ କେବେବି ହଳଦୀ ସମ୍ପୂର୍ଣ୍ଣ ସରିଯିବା ଠିକ୍ ନୁହେଁ। ହଳଦୀ ସରିଗଲେ ସୌଭାଗ୍ୟହାନୀ ହୁଏ। **ଲୁଣ:** ଏହା ବିନା ଖାଦ୍ୟ ଅସ୍ୱାଦୁ ଲାଗେ। ଶାସ୍ତ୍ରାନୁସାରେ, ଘରେ କେବେ ବି ଲୁଣ ସମ୍ପୂର୍ଣ୍ଣ ସରିବା ଠିକ୍ ନୁହେଁ। ଲୁଣ ସରିଗଲେ ଘରକୁ ନକାରାତ୍ମକ ଶକ୍ତି ଆସେ, ଜୀବନରେ ଦୁଃଖ ଭରିଯାଏ ବୋଲି ବିଶ୍ୱାସ କରାଯାଏ। **ମଇଦା:** ଡ଼ବାରୁ ମଇଦା ସମ୍ପୂର୍ଣ୍ଣ ସରିଯିବା ବି ଶୁଭ ଲକ୍ଷଣ ନୁହେଁ। ମଇଦା ସରିବା ମାତ୍ରେ ପୁଣି ମଇଦା ଆଣି ଡ଼ବାରେ ରଖିଦେଲେ ମାତା ଅନ୍ନପୂର୍ଣ୍ଣା ଖୁସି ହେବା ସହ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ବୋଲି ମାନ୍ୟତା ରହିଛି।

## ପାଠକୀୟ

* କେମିତି ଓ କେଉଁ ପଦ୍ଧତିରେ ଶିକ୍ଷାଦାନ କଲେ ପିଲାଙ୍କର ପାଠପ୍ରତି ଡ଼ର କମିବ ଓ ସେମାନେ ଠିକ୍‌ଭାବେ ଶିକ୍ଷା ଗ୍ରହଣ କରିବେ ସେ କଥା ଏଇ ଗୁରୁମାନଙ୍କୁ ଜଣା। ସେଇଥିପାଇଁ ସେମାନେ ଶିକ୍ଷାଦାନକୁ ଖାଲି ସହଜ, ସରଳ କରି ନାହାନ୍ତି ବରଂ ବେଶ୍ ମଜାଦାର୍ ବି କରିଛନ୍ତି। ତେଣୁ ଏଭଳି ଏକ ପ୍ରେରଣାଦାୟୀ ଆଲେଖ୍ୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଶିକ୍ଷକ ହେବତ ଏମିତି'ଟି ବେଶ୍ ମନଛୁଆଁ ହୋଇଥିଲା। **– ମନ୍ଦାକିନୀ ତ୍ରିପାଠୀ, ଯାଜପୁର**
* ମାତାପିତା ଜନ୍ମ ଦିଅନ୍ତି ଆଉ ଗୁରୁ ଜୀବନରେ ଆଗକୁ ବଢ଼ିବାରେ ପଥପ୍ରଦର୍ଶକ ହୁଅନ୍ତି। ସେଥିପାଇଁ ଗୁରୁ ସବୁବେଳେ ନମସ୍ୟ। କେମିତି ଓ କେଉଁ ପଦ୍ଧତିରେ ଶିକ୍ଷାଦାନ କଲେ ଛାତ୍ରଟି ଠିକ୍ ଭାବରେ ଶିକ୍ଷା ଗ୍ରହଣ କରିପାରିବ ସେ କଥା ଗୁରୁଙ୍କୁ ବେଶ୍ ଜଣା। ସେମିତି କେତେଜଣ ମହାନ୍ ଗୁରୁଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଶିକ୍ଷକ ହେବତ ଏମିତି'ଟି ବେଶ୍ ନିଆରା ଥିଲା। 'ଦକ୍ଷିଣ ଦିଗର ବାସ୍ତୁ ମାହାତ୍ମ୍ୟ', 'ଗ୍ରୀନ୍ ଟିର ସ୍ୱାସ୍ଥ୍ୟପଯୋଗୀ ଗୁଣ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। **– ତନୁଜା ସାହୁ, ପୋଖରୀପୁଟ, ଭୁବନେଶ୍ୱର**
* ବ୍ୟକ୍ତିତ୍ୱ ପୃଷ୍ଠାରୁ ସଙ୍ଗୀତ ନିର୍ଦ୍ଦେଶକ ତଥା ସ୍ୱର ସଂଯୋଜକ ଓମ୍ ପ୍ରକାଶ ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶବ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ହସାଇବେ ତାପସୀ', 'ବଦଳି ଗଲେଣି ରଣବୀର', 'ହୀରୋପନ୍ତି ଅଫର ମିଳି ନଥିଲେ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ହୋଇଥିଲା। **– ପ୍ରତୀମାରାଣୀ ପ୍ରଧାନ, କଟକ**
* ସାହିତ୍ୟିକ ରାଜୀବ ଗୋପାଳ ସ୍ୱାଇଁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। 'ଗ୍ଲାମର୍ସ ଗୁରୁ' ଶୀର୍ଷକ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। 'ଧରାକୋଟ ରାଜବାଟୀ' ପାଠରୁ ବହୁ ଅଜଣା କଥା ଜାଣିହେଲା। ହାଃ ହାଃ ଖୁବ୍ ମଜାଦାର୍ ଲାଗୁଥିଲା। **– ଶରତ ଜେନା, ସାକ୍ଷୀଗୋପାଳ**
* ସହର ପୃଷ୍ଠାରୁ ସଭାଲ ହ୍ରଦ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ଲେମ୍ବୁ, ଲଙ୍କା ମାଳ କାହିଁକି ଝୁଲାଯାଏ ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଚିନ୍ମୟ ଚିନ୍ତନ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋଟେ ଗୋଡ଼ରେ ଛତା ସନ୍ତୁଳନ', 'ରୋବୋ ଶିକ୍ଷୟିତ୍ରୀ', 'ମୁଣ୍ଡରେ ୫୧୧ ଗ୍ଲାସ୍' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ଥିଲା। **– ସ୍ୱପ୍ନାଶ୍ରୀ ଖୁଣ୍ଟିଆ, ବଲାଙ୍ଗୀର**



## ବିଶେଷ ଚିଠି

ପ୍ରଚ୍ଛଦ ପ୍ରସଙ୍ଗରେ ଥିଲା 'ଶିକ୍ଷକ ହେବ ତ ଏମିତି'
ଛୁଟିଦିନର ଏପରି ପ୍ରୟାସ, ଲାଗୁଥିଲା ନିଆରା ଯେମିତି।
ସୁନ୍ଦର ଥିଲା ସୃଜନରେ 'ପ୍ରୀୟା ପାଇଁ ତିନି ପଦ'
ସହରଠୁ ଦୂରରେ ବର୍ଣ୍ଣନା ସଭାଲ ହ୍ରଦ।
ବିବିଧାରେ ଲେମ୍ବୁ ଲଙ୍କାର ବିଜ୍ଞାନ ଭିତ୍ତିକ କାରଣ
ଧରାକୋଟ ରାଜବାଟୀ, ଗ୍ରୀନ୍‌ଟିର ସ୍ୱାସ୍ଥ୍ୟବର୍ଦ୍ଧା ଗୁଣ।
ଗ୍ଲାମର୍ସ ଗୁରୁ, ବ୍ୟକ୍ତିତ୍ୱ ସହ ରୋବୋ ଶିକ୍ଷୟିତ୍ରୀ
ଭାରି ସୁନ୍ଦର ଲାଗୁଥିଲା ପଢିବାକୁ ଧରିତ୍ରୀ।

**–ଦେବପ୍ରସାଦ ଜେନା, ଇଟାମାଟି, ନୟାଗଡ଼**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅସ୍ତ୍ର ପୂଜା

ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛି ପାରମ୍ପରିକ ଅସ୍ତ୍ର ପୂଜା ବିଧି । ସେଥିମଧ୍ୟରୁ ଓଡ଼ିଆ ପାଇକ ଦଳବେହେରାଙ୍କ ଅସ୍ତ୍ର ପୂଜାବିଧି କିଛିଟା ସ୍ୱତନ୍ତ୍ର ।

**ସାତଜଣ ବନ୍ଦାପନା କରନ୍ତି, ହଳଦୀ ପାଣିରେ ଗୋଡ଼ ଧୁଆନ୍ତି:** ଖୋର୍ଦ୍ଧା ଜିଲାର ବୋଲଗଡ଼ । ଇତିହାସ କୁହେ, ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ଏହି ଗଡ଼ ପ୍ରତିଷ୍ଠା ହୋଇଥିଲା । ଏହିଗଡ଼ର ପ୍ରଥମ ଦଳବେହେରା ଥିଲେ ପରାସର ହରିଚନ୍ଦନ ଦଳବେହେରା, ତା'ପରେ ଯୋଗୀନ୍ଦ୍ର ନାଥ ହରିଚନ୍ଦନ ଦଳବେହେରା, ରାମଚନ୍ଦ୍ର ହରିଚନ୍ଦନ ଦଳବେହେରା, ରଘୁନାଥ, ପୀତାମ୍ବର, ଶଶିଭୂଷଣ ଓ ସୁଧାକର ଦଳବେହେରା ୧୨୦ ବାଟି ଜମି ଜାଗିରି ଖାଉଥିଲେ । ପ୍ରତିବର୍ଷ ଦଶହରାରେ ଦଳବେହେରାଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଦେବୀପୀଠ ଏବଂ ଘରେ ପୂଜା ସଜ ବସାଯାଇଥାଏ । ଏ ସମ୍ପର୍କରେ ବର୍ତ୍ତମାନ ବୋଲଗଡ଼ର ଦଳବେହେରା ରଘୁନାଥ ଦଳବେହେରା କୁହନ୍ତି, 'ରାଜରାଜୁଡ଼ା ସମୟରୁ ପାରମ୍ପରିକ ରୀତିନୀତିରେ ଆମର ଇଷ୍ଟ ଦେବୀରୂପେ ପୂଜାଘରେ ପାଟଖଣ୍ଡାକୁ କାଳିକା ଠାକୁରାଣୀ ଓ ମା' କନକଦୁର୍ଗାଙ୍କୁ ପୂଜା କରାଯାଇଥାଏ । ୭ମୀ ପର୍ବରେ ବିଧି ଅନୁସାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂର୍ବରୁ ପରିଷ୍କାର ଭାବେ ମାଜି ନୂଆ ସାଲୁକନା, କଜଳ, ସିନ୍ଦୂର, ହଳଦୀ ଆଦି ଲଗାଇ ହୋମ କରାଯାଇ ସଜ ବସାଯାଇଥାଏ । ୧୦ମୀ ଦିନ ମା' ରାମଚଣ୍ଡୀଙ୍କଠାରେ ୧୬ପର୍ବ ହୋଇଥାଏ । ଆମ ଘରୁ ଏବଂ ସାହିର ପାଇକମାନେ ଏକ ସ୍ୱତନ୍ତ୍ର ପଟୁଆରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ଧାରଣକରି ରାମଚଣ୍ଡୀଙ୍କ ମନ୍ଦିରକୁ ଯାଇଥାନ୍ତି । ପୂର୍ବରୁ ସେଠାରେ ରହିଥିବା ଦୋଳବିମାନରେ ମା' ରାମଚଣ୍ଡୀଙ୍କୁ ଦଶହରା ପଡ଼ିଆକୁ ଆଣିଥାନ୍ତି । ସେଠାରୁ ଦଳବେହେରାଙ୍କ ଘରଦେଇ ଆସୁଥିବା ବେଳେ ଦଳବେହେରାଙ୍କ ସମେତ ପାଇକମାନଙ୍କ ଗୋଡ଼କୁ ହଳଦୀପାଣିରେ ଧୋଇବାର ବ୍ୟବସ୍ଥା ରହିଛି । ସାତଜଣ ମହିଳା ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ବନ୍ଦାପନା କରିଥାନ୍ତି । ଏହାପରେ ସେଠାରେ ଥିବା ଏକ ମଣ୍ଡପରେ ଅସ୍ତ୍ରଶସ୍ତ୍ରକୁ ସୁସଜ୍ଜିତ କରି ରଖାଯାଇଥାଏ । ଅସ୍ତ୍ରଶସ୍ତ୍ରରେ ନୂଆ ଶାଢି ବନ୍ଧା ଯାଇ ପୂଜାର୍ଚ୍ଚନା କରାଯାଇଥାଏ । ଦଳବେହେରା ହୋମରେ କର୍ତ୍ତାଭାବେ ବସିଥାନ୍ତି । ଏଥିରେ ପାଇକ ଓ ସେବାୟତଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ସହିତ ସେମାନଙ୍କ ମୁଣ୍ଡରେ ନୂଆ ଶାଢି ବନ୍ଧା ଯାଇଥାଏ । ପରେ ଏଠାରୁ ସଜ ଉଠାଯାଇ ପଟୁଆରରେ ଦଳବେହେରା ତାଙ୍କ ଘରକୁ ଫେରିଥାନ୍ତି ।

**ଜଳନ୍ତା ଦୁହୁଡ଼ି ଉପରକୁ ଧନୁଶର ମରାଯାଏ:** ମହାନ୍ ସଂଗ୍ରାମୀ ପାଇକ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ପୁରୀ ବ୍ରହ୍ମଗିରି ଅଞ୍ଚଳର ଗଡ଼ ରୋଡ଼ଙ୍ଗରେ ସେ ନିଜର ଗଡ଼ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନ ବଂଶାନୁକ୍ରମିକ ଭାବେ ଏହି ଗଡ଼ର ଦଳବେହେରା ଭାବେ ସାମନ୍ତ ପ୍ରସନ୍ନ କୁମାର ରାୟଦଳବେହେରା ଅଛନ୍ତି । ସେ କୁହନ୍ତି, 'ଆମେ ହେଲୁ ବକ୍ସିଙ୍କର ଦଳବେହେରା । ମୋ ଜେଜେ ଶ୍ୟାମସୁନ୍ଦର ରାଉତରା ଦଳବେହେରା, ମୋ ବାପା ଶ୍ରୀନିବାସ ଦଳବେହେରାଙ୍କ ପରେ ଏବେ ମୁଁ ଦଳବେହେରା ଭାବେ ମୋର ଅଭିଷେକ ହୋଇଛି । ଆମମାନଙ୍କର କାର୍ଯ୍ୟ ଥିଲା ରାଜାଙ୍କ ସେନାପତି ଯେ କି ବକ୍ସିଙ୍କୁ ପାଇକସେନା ଯୋଗାଇବୁ । ପୂର୍ବରୁ ପ୍ରତିବର୍ଷ ଷୋଳପୂଜାରେ ଅସ୍ତ୍ର ପୂଜା କରାଯାଉଥିଲା । ସମୟକ୍ରମେ ୭ମୀଠାରୁ ପୂଜାରେ ପାରମ୍ପରିକ ଅସ୍ତ୍ରପୂଜା ବସୁଛି । ଏଥିପାଇଁ ବକ୍ସିଙ୍କ ତରଫରୁ ସବୁ ବ୍ୟବସ୍ଥା କରାଯାଇଥାଏ । ବକ୍ସିଙ୍କର ସାଇତା ହୋଇରହିଥିବା ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ଆମର ଧନୁଶର ଓ ବନ୍ଧୁକକୁ ମା' କନକଦୁର୍ଗାଙ୍କ ନିକଟରେ ପୂଜା ପାଇଁ ସଜ ବସାଯାଇ ଥାଏ । ଏହି ଅବସରରେ ଗଡ଼ରୋଡ଼ଙ୍ଗର ଅନ୍ୟ ସମସ୍ତ ପାଇକମାନେ ସେମାନଙ୍କ ଘରେ ନିଜନିଜର ଅସ୍ତ୍ରଶସ୍ତ୍ରକୁ ପୂଜାରେ ବସାଇଥାନ୍ତି । ଦଶହରାଦିନ ଠାକୁରାଣୀ, ପାଇକ ଦଳବେହେରା ଦଶହରାପଡ଼ିଆକୁ ପଟୁଆରେ ଆସିଥାନ୍ତି । ଏଠାକୁ ହରିଚନ୍ଦନପୁର ବ୍ରାହ୍ମଣ ଶାସନରୁ ମା' ଜୟଦୁର୍ଗାଙ୍କୁ ବିଜେକରିଥାନ୍ତି । ଠାକୁରାଣୀଙ୍କ ମେଳଣ ହୁଏ । ପୂଜାରେ ଦଳବେହେରା ଉପସ୍ଥିତ ରୁହନ୍ତି । ବିଧି ଅନୁସାରେ ୧୬ ପାଇକ ଘରୁ ପାଇକମାନେ ଆସିଥାନ୍ତି । ପୁରୋହିତ ଦଳବେହେରାଙ୍କ ମୁଣ୍ଡରେ ଶିରପା ବାନ୍ଧିଥାନ୍ତି । ରାତିରେ ଏକ ଦୁହୁଡ଼ି ଜଳେ ବିଧି ଅନୁସାରେ ଦଳବେହେରା ସେହି ଦୁହୁଡ଼ି ଉପରକୁ ଲକ୍ଷ୍ୟକରି ଧନୁରୁ ୩ଟି ଶରକୁ ନିକ୍ଷେପ କରନ୍ତି । ପୂଜା ସରିଲା ପରେ ପାଇକମାନେ ଭୋଗ ନେଇ ଘରକୁ ଫେରନ୍ତି । ମା' କନକ ଦୁର୍ଗାଙ୍କ ମନ୍ଦିରରେ ମା'ଙ୍କ ବିଜେ ପ୍ରତିମାଙ୍କୁ ଆସ୍ଥାନ କରିସାରିଲା ପରେ ବକ୍ସିଙ୍କ ସମସ୍ତ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ସୁରକ୍ଷିତ ଭାବେ ଏକ ସିନ୍ଦୁକରେ ସାଇତି ରଖି ନିଜଘରକୁ ଫେରିଥାଏ ।

**ଖିରି ଭୋଗ ବଣ୍ଟନ ହୁଏ:** ଖୋର୍ଦ୍ଧାର ଅନ୍ୟତମ ଗଡ଼ ହେଲା ରାମଚଣ୍ଡୀ ଗଡ଼ । କିମ୍ବଦନ୍ତୀ କୁହେ, ଗଜପତି ମହାରାଜଙ୍କ ଦ୍ୱାରା ଏହି ଅଞ୍ଚଳରେ ୪ଟି ଗଡ଼ ପ୍ରତିଷ୍ଠା ହୋଇଥିଲା, ପୂର୍ବ ଦିଗରେ ରାମଚଣ୍ଡୀ ଗଡ଼, ପଶ୍ଚିମ ଦିଗରେ ମଳିପଡା ଗଡ଼, ଉତ୍ତର ଦିଗରେ ତାପଙ୍ଗ ଗଡ଼ ଓ ଦକ୍ଷିଣ ଦିଗରେ ନରଣ ଗଡ଼ । ପ୍ରତ୍ୟେକ ଗଡ଼ର ଗଡାଧୀଶଙ୍କୁ 'ଦଳବେହରା' ଉପାଧିରେ ବିଭୂଷିତ କରାଯାଇଥିଲା । ନରସିଂହ ପ୍ରସାଦ, ଦୁର୍ଗା ପ୍ରସାଦ ଓ ରାମଚଣ୍ଡୀ ଏହି ୩ଟି ରାଜସ୍ୱ ଗ୍ରାମକୁ ନେଇ ରାମଚଣ୍ଡୀ ଗଡ଼ ହୋଇଥିଲା । ଏହି ଗଡ଼ର ଇଷ୍ଟଦେବୀ ମା' ରାମଚଣ୍ଡୀ । ବର୍ତ୍ତମାନର ଦଳବେହେରା ହେଉଛନ୍ତି, ମୃତ୍ୟୁଞ୍ଜୟ ଛୋଟରାୟ । ତାଙ୍କ ପୁତ୍ର ସୌମ୍ୟ ରଞ୍ଜନ ହରିଚନ୍ଦନ ଏବେ ଯୁବ ଦଳବେହେରା । ସେ କୁହନ୍ତି, 'ପ୍ରଥା ଅନୁସାରେ ଦଳବେହେରାଙ୍କ ୨ଟି ସାଙ୍ଗିଆ ରହିଛି – ଛୋଟରାୟ ଓ ହରିଚନ୍ଦନ । ଗୋଟେ ପିଢ଼ି ହରିଚନ୍ଦନ ହେଲେ ପର ପିଢ଼ି ଛୋଟରାୟ ସାଙ୍ଗିଆ ସ୍ୱତଃ ପ୍ରଦାନ ହୋଇଥାଏ ।

## ଖଣ୍ଡାବସା ପୂଜା

ପୂର୍ବକାଳରେ ନାଗବଂଶୀୟ ରାଜାମାନେ ପ୍ରତ୍ୟେକ ବର୍ଷ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ପର୍ବକୁ ମହାସମାରୋହରେ ପାଳନ କରିଆସୁଥିଲେ । ସେବେଠାରୁ ଏହି ପରମ୍ପରା ନିରବଚ୍ଛିନ୍ନ ଭାବରେ ଚାଲିଆସୁଛି । ଆଶ୍ୱିନ ମୂଳାଷ୍ଟମୀରେ ଏଠାରେ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ । ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ରପୂଜା କରିବାର ନିୟମ ରହିଛି । ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ । ସେଥିପାଇଁ କେଉଁ ଆବହମାନ କାଳରୁ ରାଜାମାନେ ଦେବୀ ଉପାସନା କରିବା ସହିତ ଖଣ୍ଡାକୁ ପୂଜା କରିଆସୁଛନ୍ତି । ପୂଜା ପୂର୍ବରୁ ଖଣ୍ଡାକୁ ବାହାର କରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ(ଅରୁଆ ଚାଉଳ) ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ । ତା' ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ । ଉତ୍ସବର ପୁରୋଧା–କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା । ପରମ୍ପରା ଅନୁସାରେ ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀମନ୍ଦିରରୁପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡିଆକୁ ପୂଜକ ଆଣିଥାନ୍ତି । ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିଥାନ୍ତି । ମାର୍ଜନା ପରେ ବିବିଧ ବାଦ୍ୟ ବାଜାଇ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରେଇବା ପରେ ରାଜା ମନ୍ଦିରକୁ ଆସନ୍ତି । ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣ କରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି । ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରନ୍ତି । ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ପୂଜା ଓ ତନ୍ତ୍ର ପୂଜା ମାଧ୍ୟମରେ ପୂଜା ପାଠ ହୁଏ । ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି । ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ ।








ମୃତ୍ୟୁଞ୍ଜୟ ଛୋଟରାୟ



ଜୁନାଗଡ଼ ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଯାତ୍ରା

ଏହି ଗଡ଼ର ଦଳବେହେରାଙ୍କ ବର୍ଷସାରା ବିଭିନ୍ନ ପୂଜା ପର୍ବର ବିଧିବିଧାନ ପରମ୍ପରା ରହିଛି। ଦଶହରା ପର୍ବରେ ଦଳବେହେରାଙ୍କ ଅସ୍ତ୍ରଶସ୍ତ୍ର ପୂଜା ପରମ୍ପରା ସବୁଠାରୁ ନିଆରା। ଅସ୍ତ୍ରପୂଜା ବିଧି ଅନୁଯାୟୀ ଏଠାରେ ୭ମୀ ଦିନରୁ ବ୍ରାହ୍ମଣଙ୍କ ମନ୍ତ୍ରପାଠ ଓ ହୋମ କରାଯାଇ ମା’ଙ୍କ ଆଜ୍ଞାମାଳକୁ ଦଳବେହେରା ନେଇଥାନ୍ତି। ପରେ ଦଳବେହେରାଙ୍କ ଘରେ ପାଟଖଣ୍ଡା, ଢାଲ ଆଦି ଅସ୍ତ୍ରଶସ୍ତ୍ର ପୂଜା ହୁଏ। ୯ମୀ ସନ୍ଧ୍ୟାରେ ଖିରି ଭୋଗକୁ ଗାଁରେ ସମସ୍ତଙ୍କୁ ବଣ୍ଟନ କରାଯାଇଥାଏ। ୧୦ମୀ ଦିନ ସନ୍ଧ୍ୟାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜାରୁ ଉଠାଯାଇଥାଏ। ଦଳବେହେରାଙ୍କ ମୁଣ୍ଡରେ ପୁରୋହିତ ଶିରପା ବାନ୍ଧିଥାନ୍ତି। ଦଳବେହେରାଙ୍କ ସହିତ ପାଇକମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଏକ ପଟୁଆରକରି ମା’ଙ୍କ ମନ୍ଦିରକୁ ଆସନ୍ତି। ଏଠାରୁ ବିଧିସାରି ମା’ଙ୍କ ବିଜେ ପ୍ରତିମାଙ୍କୁ ଅନ୍ୟତ୍ର ଏକ କୋଠଘରକୁ ଅଣାଯାଇଥାଏ। ପାଣିକଖାରୁ ଛେଦନ କରାଯାଇଥାଏ। ଏହି ପୂଜା ବେଳେ ଦଳବେହେରାଙ୍କ ଧର୍ମପତ୍ନୀ ଦଳବେହେରାଙ୍କୁ ବନ୍ଦାପନା କରିଥାନ୍ତି।

**ମା’ ହସ୍ତେଶ୍ୱରୀଙ୍କ ପୀଠରେ ଅସ୍ତ୍ରଶସ୍ତ୍ରର ସଜ ବସେ:** ସେତେବେଳେ ତାପଙ୍ଗ ଗଡ଼ର ଦଳବେହେରା ଥିଲେ ସାମନ୍ତ ମାଧବ ଚନ୍ଦ୍ର ରାଉତରାୟ। ଏବେ ତାଙ୍କର ବଂଶଧରଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଗ୍ରାମର ଅନ୍ୟ ସ୍ଥାନକୁ ଚାଲିଗଲେଣି। ଦଳବେହେରାଙ୍କ ପରିବାରରେ ଅଛନ୍ତି ଦଳବେହେରା, ସାମନ୍ତ ମାଧବଚନ୍ଦ୍ର ରାଉତରାୟ, ନୀଳାମ୍ବର ରାଉତରାୟ, ସନ୍ତଚରଣ ରାଉତରାୟ, ରାଧାଶ୍ୟାମ ରାଉତରାୟ, ବିଚିତ୍ରା ନନ୍ଦ ରାଉତରାୟ ଓ ଭୁବନାନନ୍ଦ ରାଉତରାୟ। ଏହି ଗଡ଼ର ଆରାଧ୍ୟା ଦେବୀ ହେଲେ ମା’ ହସ୍ତେଶ୍ୱରୀ । ମା’ଙ୍କ ପୀଠରେ ପାଇକ ଦଳବେହେରାଙ୍କ ଦ୍ୱାରା ପ୍ରତିବର୍ଷ ଷୋଳପୂଜା ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜା କରାଯାଇଥାଏ। ବର୍ତ୍ତମାନର ତାପଙ୍ଗ ଦଳବେହେରା ବିଚିତ୍ରାନନ୍ଦ ରାଉତରାୟ କୁହନ୍ତି, ‘ଦଶହରା ଦିନ ଆମେ ମା’ ହସ୍ତେଶ୍ୱରୀଙ୍କ ପୀଠରେ ପାର୍ବଣ ଉତ୍ସବ ପାଳନ କରିଥାଉ। ଦଳବେହେରା ବଂଶଧର ସମସ୍ତେ ଏଥିରେ ଯୋଗ ଦେଇଥାନ୍ତି। ଘରେ ବିଭିନ୍ନ ପିଠାପଣା ସହ ପାରମ୍ପରିକ ହାତହତିଆରକୁ ସ୍ୱତନ୍ତ୍ର ବିଧି ଅନୁସାରେ ସଜ ବସାଯାଇଥାଏ। କୁଳ ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ ଓ ହୋମ କରାଯାଇଥାଏ। ପାଇକ ଘରର ବୀର ରମଣୀମାନେ ପାଟଖଣ୍ଡା ସମେତ ଅନ୍ୟ ସମସ୍ତ ଅସ୍ତ୍ରଶସ୍ତ୍ରକୁ ବନ୍ଦାପନା କରିଥାନ୍ତି। ଅସ୍ତ୍ରଶସ୍ତ୍ର ସଜରୁ ଉଠିଲା ପରେ ପାଇକମାନେ ସ୍ୱତନ୍ତ୍ର ବିଧି ଅନୁସାରେ ଠାକୁରଙ୍କ ପୀଠ ଓ ଘର ସମ୍ମୁଖରେ ପାଇକ ଆଖଡ଼ା ପ୍ରଦର୍ଶନ କରିଥାନ୍ତି।



ସାମନ୍ତ ପ୍ରସନ୍ନ କୁମାର ରାୟଦଳବେହେରା



ବିଚିତ୍ରା ନନ୍ଦ ରାଉତରାୟ



ଲଲାଟେନ୍ଦୁ କେଶରୀ ଇନ୍ଦ୍ରଜିତ୍




ରଘୁନାଥ ଦଳବେହେରା

**ତୀର ନେବା ପାଇଁ ବହୁ ଶ୍ରଦ୍ଧାଳୁ ଅପେକ୍ଷା କରିଥାନ୍ତି–** ଖୋର୍ଦ୍ଧା ଇତିହାସରୁ ଜଣାପଡ଼େ ଗଜପତି ପ୍ରଥମ ରାମଚନ୍ଦ୍ର ଦେବଙ୍କ ସମୟରେ ଖୋର୍ଦ୍ଧା ଅଧୀନରେ ପ୍ରାୟ ୭୩ଟି ଗଡ଼ ଥିଲା। ସେଥିମଧ୍ୟରେ କୁହୁଡ଼ି ଗଡ଼ ଅନ୍ୟତମ। ସେତେବେଳେ ଏହି ଗଡ଼ର ଦାୟିତ୍ୱରେ ଥିଲେ ଦୁର୍ଜୟମାନ ବାହୁବଳେନ୍ଦ୍ର ଚମ୍ପତିରାୟ। ଅନୁମାନ କରାଯାଏ ପ୍ରାୟ ୧୬ଶହ ସାଲରେ କୁହୁଡ଼ି ଗଡ଼ ପ୍ରତିଷ୍ଠା ହୋଇଥାଇପାରେ। ଏହି ଗଡ଼ର ଦଳବେହେରା ବଂଶାନୁକ୍ରମିକ ଭାବେ ଇନ୍ଦ୍ରଜିତ ଉପାଧିଧାରୀ ଅଭିଷେକ ହୋଇଥାନ୍ତି। ବର୍ତ୍ତମାନ କୁହୁଡ଼ିଗଡ଼ର ଦଳବେହେରା ଲଲାଟେନ୍ଦୁ କେଶରୀ ଇନ୍ଦ୍ରଜିତ (ଦଳବେହେରା) କୁହନ୍ତି, ‘୭ମୀର ପୂର୍ବଦିନ ହିନ୍ଦୁ ରୀତିନୀତି ଅନୁସାରେ ପାଟଣାସାହିସ୍ଥ ଖମାରଘରେ ୧୬ଜଣ କାଠିଆ ଆସି ମା’ କାଠି ଠାକୁରାଣୀ(କଜଳେଇ)ଙ୍କ ସାଜସଜ୍ଜା ବ୍ୟବସ୍ଥା କରିଥାନ୍ତି। ୭ମୀ ଦିନ ପୁରୋହିତ ଦଳବେହେରାଙ୍କ ଘରୁ ପାଟଖଣ୍ଡା, ଲିଖନ ଓ ତାଳପୋଥିକୁ ଆଣି ଖମାର ମା’ଙ୍କ ଆସ୍ଥାନରେ ସଜେଇଥାନ୍ତି। ପରେ ବ୍ରାହ୍ମଦେବୀଙ୍କ ପୀଠକୁ ନେଇଥାନ୍ତି। ବିଧି ଅନୁସାରେ ଏକ ବରକାଠରେ ତିଆରି ପିଢା ଏବଂ ଏକ ବେଲ କାଠରେ ତିଆରି ରୁଖାକୁ ବ୍ୟବହାର କରାଯାଇଥାଏ। ଦଳବେହେରାଙ୍କ ଇଷ୍ଟ ଦେବୀ ବ୍ୟାଘ୍ରଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ମାଳୀ ଆଣିଥାନ୍ତି। ୯ମୀ ଦିନ ଆମିଷ ଭୋଗ ହୋଇଥାଏ। ୧୦ମୀ ଦିନ ଖେଚୁଡ଼ି ଭୋଗ ହୋଇଥାଏ। ଏଠାରେ ବିସର୍ଜନ କରାଯିବା ପରେ ଦୁଇ ଠାକୁରାଣୀଙ୍କୁ ସ୍ୱତନ୍ତ୍ର ପଟୁଆରରେ କୁହୁଡ଼ି ପାଟଣାସାହିରୁ ଦଳବେହେରା ସାହିକୁ ଭ୍ରମଣ ବେଳେ ଗାଁର ଶ୍ରଦ୍ଧାଳୁମାନେ ପୂର୍ବରୁ ଘରେ ବସାଇଥିବା ବିଭିନ୍ନ ହାତହତିଆରକୁ ମା’ଙ୍କ ନିକଟରେ ଛୁଆଁଇଥାନ୍ତି। ପଟୁଆର ଦଳବେହେରାଙ୍କ ଘର ସମ୍ମୁଖରେ ପହଞ୍ଚିଲା ପରେ ପୁରୋହିତ ମଙ୍ଗଳାଷ୍ଟକ ପାଠ କରିଥାନ୍ତି। ମନ୍ତ୍ର ପାଠ ବେଳେ ଦଳବେହେରା ତାଙ୍କ ଘରୁ ପୂର୍ବରୁ ସଜବସାଇଥିବା ଅସ୍ତ୍ରଶସ୍ତ୍ର ଉଠାଇ ମା’ଙ୍କ ଦର୍ଶନ କରି ସେହି ପଟୁଆରରେ ବାହାରିଥାନ୍ତି। ସେତେବେଳେ ପାଇକ ଆଖଡା ପ୍ରଦର୍ଶନ ହୋଇଥାଏ। ସାହିର ଏକ ନିର୍ଦ୍ଦିଷ୍ଟ ଚଉଁରାଠାରେ ଦଳବେହେରାଙ୍କ ସମେତ ଦଳେଇ, ପଟ୍ଟନାୟକ, ଖୁଣ୍ଟିଆ, ଭୁଜବଳ ଏବଂ ଅନ୍ୟ ସମସ୍ତ ସେବାୟତ ପାଇକମାନେ ଏକାଠି ରୁଣ୍ଡ ହୁଅନ୍ତି। ସେମାନଙ୍କୁ ନୂଆ ବସ୍ତ୍ର ଓ ମର୍ଯ୍ୟାଦା ଦିଆଯାଇଥାଏ। ତା’ ପରେ ପଟୁଆରରେ ଦଳବେହେରା ଦଶହରା ପଡ଼ିଆ ମହାବୀର ଟାଙ୍ଗୀକୁ ଯାଇଥାନ୍ତି । ଏଠାରେ ପୂଜାପାଠ ପରେ ଦଳବେହେରା ହାତରେ ଧରିଥିବା ଧନୁରୁ ତୀରକୁ ନିକ୍ଷେପ କରିଥାନ୍ତି। ଏହି ତୀରକୁ ନେବା ପାଇଁ ବହୁ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥାନ୍ତି। ସେମାନଙ୍କ ବିଶ୍ୱାସ ଯେ ଏହି ତୀର ନେଲେ ନିଃସନ୍ତାନଙ୍କର ସନ୍ତାନ ହେବ। ତା’ପରେ କଜଳେଇ ଓ ମା’ ବ୍ୟାଘ୍ରଦେବୀ ସାହି ଭ୍ରମଣକରି ଫେରନ୍ତି। କିନ୍ତୁ ଦଳବେହେରା ନିଜ ଘରକୁ ଫେରିବା ପୂର୍ବରୁ ଘର ସମ୍ମୁଖରେ ମୁରୁଜରେ ଏକ ମଣ୍ଡଳ କଟାଯାଇଥାଏ। ପୁରୋହିତଙ୍କ ପୂଜାପାଠ ପରେ ସେ ନିଜ ଘରକୁ ପ୍ରବେଶ କରିଥାନ୍ତି। ଏହାପରେ ଦଳବେହେରାଙ୍କ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥାଏ।

–ବନବିହାରୀ ବେହେରା
ସ୍ୱାଧୀନ ଚମ୍ପତିରାୟ, ଉତ୍ତମକୁମାର ଦାଶ




# ଗୁମ୍ଫା ଘର




**ପାହାଡ଼ ଖୋଦେଇ କରି ବହୁ ବର୍ଷ ପୂର୍ବେ ତିଆରି କରାଯାଇଥିଲା ଏହି ଗୁମ୍ଫାସବୁ, ଯାହାକି ଆବାସସ୍ଥଳ ଥିଲା ଅନେକଙ୍କର । ଦୂରରୁ ଦେଖିଲେ ଏହି ଗୁମ୍ଫାଘରଗୁଡିକ ଲାଗେ ଉଇହୁଙ୍କା ପରି । ଏବେ ଏଥିମଧ୍ୟରୁ କିଛିଟା ନଷ୍ଟ ହେବାବେଳେ ଆଉ କିଛି ପାଲଟିଛି ହୋଟେଲ । ଆଉ ଏହାର ନିଆରା ଅନୁଭୂତି ନେବା ପାଇଁ ଏଠାକୁ ଆସୁଛନ୍ତି ଅନେକ ପର୍ଯ୍ୟଟକ...**

**ଉଚିସାର:** ଉଚିସାର ହେଉଛି ତୁର୍କୀ, କପାଦୋସିଆସ୍ଥ ନେବଶେହିର ଜିଲାର ଏକ ସହର । ଏଠାରେ ୬୦ ମିଟର ଉଚ୍ଚ ଏକ ଦୁର୍ଗ ଅଛି । ବାସ୍ତବରେ ଏହା ଚଟାଣ ଗୁମ୍ଫାର ଏକ ସଂରଚନା, ଯାହାକି ବହୁ ଦୂରରୁ ଦେଖାଯାଏ । ପ୍ରାୟ ୧୫୦୦ ବର୍ଷ ପୁରାତନ ଏହି ଦୁର୍ଗରେ ଅନେକ ରାସ୍ତା ଓ କୋଠରି ଅଛି । ବାଇଜେଣ୍ଟିନ କାଳରେ ଏହା ଏକ ମଠ ଥିଲା । ପ୍ରାୟ ୧୦୦୦ ଲୋକ ଏହି ଗୁମ୍ଫା ଘରେ ରହୁଥିଲେ । ଉଚିସାରର ଏହା ଜନବହୁଳ ସ୍ଥାନ ଥିଲା । ଏହି ଘରଗୁଡ଼ିକ ବାହ୍ୟଶତ୍ରୁଙ୍କଠାରୁ ରକ୍ଷା କରୁଥିଲା । ଏଠାରେ ଅନେକ ପାରାଘର ଓ ଚର୍ଚ୍ଚ ବି ତିଆରି କରାଯାଇଥିଲା । ଚର୍ଚ୍ଚଟି ଏଭଳି ସ୍ଥାନରେ କରାଯାଇଛି ଯେଉଁଠି ପହଞ୍ଚିବା ବହୁତ କଷ୍ଟ । ତେବେ କ୍ରମେ ଏହି ଗୁମ୍ଫାଘରଗୁଡିକ ଭାଙ୍ଗିବାକୁ ଲାଗିଲା । ଲୋକମାନେ ଏହି ସ୍ଥାନ ଛାଡିବାକୁ ଲାଗିଲେ । ୧୯୫୦ ମସିହା ବେଳକୁ ଏହି ସ୍ଥାନ ଜନଶୂନ୍ୟ ହୋଇଗଲା । ହେଲେ ୨୦୦୦ ମସିହା ପରଠାରୁ ଏହି ଗୁମ୍ଫାଘର ମଧ୍ୟରୁ ଅନେକକୁ ହୋଟେଲ କରି ଦିଆଯାଇଛି । ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ।


**ଓରତାହିସାର:** ଓରତାହିସାରର ଅର୍ଥ ହେଉଛି 'ମଧ୍ୟ ମହଲ' । ନାମରୁ ହିଁ ସ୍ପଷ୍ଟ ଯେ, ଏହା ମଧ୍ୟ ତୁର୍କୀର ଗୋରେମେର କପାଦୋସିଆ ସହରର ମଧ୍ୟଭାଗରେ ଅବସ୍ଥିତ । ଏହାର ସବୁଠାରୁ ପ୍ରମୁଖ ସଂରଚନା ୮୬ ମିଟର ଉଚ୍ଚା ଓରତାହିସାର ମହଲ ଅଟେ । ଏହି ମହଲର ଉପଯୋଗ ପୂର୍ବେ ରଣନୀତିରେ ଓ ଆବାସିକ ସ୍ଥଳ ଭାବେ କରାଯାଉଥିଲା । କିଛି ବର୍ଷ ପୂର୍ବେ ମହଲର କିଛି ଭାଗ ଭାଙ୍ଗିଯାଇଥିଲା । ଫଳରେ ତା'ର ଆଭ୍ୟନ୍ତରୀଣ ଅଂଶ ଦେଖାଯାଉଥିଲା । ହେଲେ ଏବେ ଏହାର ସଂରକ୍ଷଣ କରାଯାଇଛି । ଶିଖର ପର୍ଯ୍ୟନ୍ତ ଯିବା ଲାଗି ପାହାଚ ବି କରାଯାଇଛି ।





**କାନ୍ଦୋବାନ:** ଇରାନର ପୂର୍ବ ଆଜରବାଇଜାନ ପ୍ରାନ୍ତରେ ସ୍ଥିତ କାନ୍ଦୋବାନ, ତ୍ରୟୋଦଶ ଶତାବ୍ଦୀର ଏକ ରହସ୍ୟମୟ ଗାଁ । ଏଠାକାର ଅଧିକାଂଶ ଘର କୋନ୍ ଆକାରର ଗୁମ୍ଫାରେ ତିଆରି । ଜ୍ୱାଳାମୁଖୀର ପାଉଁଶ ଚାପଗ୍ରସ୍ତ ହୋଇ କ୍ରମେ ଏହି କୋନ୍ ଭଳି ଗୁମ୍ଫାଗୁଡିକ ତିଆରି ହୋଇଛି । ଲାଗି ଲାଗି ଥିବା ଏହି କୋନ୍ ଆକାରର ଗୁମ୍ଫାକୁ ଦେଖିଲେ ବିଶାଳ ଉଇହୁଙ୍କାର କଲୋନୀ ଭଳି ଲାଗେ । ଆଉ ଏହି ହୁଙ୍କା ପରି ଗୁମ୍ଫାଗୁଡ଼ିକ ଦୁଇରୁ ଚାରି ମହଲା ବିଶିଷ୍ଟ ଥିଲା । ତଳ ମହଲାକୁ ପୂର୍ବେ ଗୁହାଳ ଭାବେ ବ୍ୟବହାର କରାଯାଉଥିଲା ଓ ଉପର ଦୁଇ ମହଲା ରହିବା ପାଇଁ ଉଦ୍ଦିଷ୍ଟ ଥିଲା । ସବୁଠୁ ଉପର ମହଲା ଷ୍ଟୋରେଜ ବା ଭଣ୍ଡାର ଘରଭାବେ ବ୍ୟବହାର ହେଉଥିଲା । ଖରାଦିନେ ଏହି ଗୁମ୍ଫାଘର ଥଣ୍ଡା ଓ ଶୀତଦିନେ ଗରମ ରହୁଥିଲା ।



**ଭର୍ଦଜିୟା:** ଦକ୍ଷିଣ ଜର୍ଜିଆରେ ଅବସ୍ଥିତ ଭର୍ଦଜିୟା, ଦ୍ୱାଦଶ ଶତାବ୍ଦୀର ଗୁମ୍ଫା ମଠ ଓ ସହର ଅଟେ । ଏହାକୁ ଏକ ନଦୀର ଘାଟି ଉପରେ ଥିବା ଏକ ବିଶାଳ ଚଟାଣ କାଟି ତିଆରି କରାଯାଇଛି । ଜର୍ଜିଆର ଏହା ଏକ ବହୁତ ସୁନ୍ଦର ସ୍ଥାନ । ଏହି ଗୁମ୍ଫା ଆବାସସ୍ଥଳକୁ ରାଣୀ ତାମାରଙ୍କ ଶାସନ କାଳରେ ମୋଙ୍ଗଲମାନଙ୍କଠାରୁ ସୁରକ୍ଷିତ ରହିବା ଲାଗି ତିଆରି କରାଯାଇଥିଲା । ଏହା ଏକ ୧୩ ମହଲା ବିଶିଷ୍ଟ କମ୍ପ୍ଲେକ୍ସ, ଯେଉଁଠି ୬୦୦ରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟ ଅଛି । ଏହି ସହରରେ ଏକ ଚର୍ଚ୍ଚ ଓ ଏକ ସିଂହାସନ କକ୍ଷ ଥିଲା । ସୋପାନ ଚାଷ ପ୍ରଣାଳୀରେ ହେଉଥିବା ଚାଷ କାର୍ଯ୍ୟ ପାଇଁ ଜଳସେଚନର ସୁବିଧା କରାଯାଇଥିଲା । ଏହି କମ୍ପ୍ଲେକ୍ସକୁ ପହଞ୍ଚିବାର ଏକମାତ୍ର ରାସ୍ତା ମଟକବାରୀ ନଦୀ ନିକଟସ୍ଥ ଏକ ଗୁପ୍ତ ସୁଡ଼ଙ୍ଗ ଥିଲା । ଏବେ ଭର୍ଦଜିୟାର ଦେଖାରଖା ସନ୍ଥଙ୍କର ଏକ ଛୋଟିଆ ସମୂହ କରୁଛନ୍ତି ।









# ଭାରତର ଭାଇଚାରା ବିଶ୍ୱରେ ବିରଳ



**"ଭାରତର ପାରିବାରିକ ସମ୍ପର୍କ ବ୍ୟବସ୍ଥା, ଭାଇଚାରା ଓ ସଂସ୍କୃତି ବିଶ୍ୱରେ ବିରଳ। ଏହା ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ। ଆମ ଦେଶର ଐତିହ୍ୟ, ସଂସ୍କୃତି, ଧର୍ମଦର୍ଶନ ଓ ସାହିତ୍ୟକୁ ଅଧିକରୁ ଅଧିକ ବୁଝିବା ପାଇଁ ମୁଁ ପ୍ରୟାସ କଲି, ଯାହା ଆଜି ବି ଜାରି ରହିଛି..."**

**ଗୌ**ରବମୟ ଭାରତବର୍ଷର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଧର୍ମଦର୍ଶନ ଓ ସନ୍ଥସାହିତ୍ୟ ଆଦି ସମ୍ପର୍କରେ ଜାଣିବାର ଇଚ୍ଛା ତାଙ୍କ ମନରେ ସବୁବେଳେ ରହିଥିଲା। ସେଥିପାଇଁ ସେ ନିଜସ୍ୱ ଉଦ୍ୟମରେ ଏ ସମ୍ପର୍କରେ ଖୁବ୍ ପଢାପଢି କରନ୍ତି। ଆଉ ତା'ସହ ନିଜସ୍ୱ ଉଦ୍ୟମରେ ଏକ ପାଠାଗାର ମଧ୍ୟ କରିଛନ୍ତି। ଯାହା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ହେଲେ **ପ୍ରବୀର କୁମାର ପଟ୍ଟନାୟକ**। ଜନ୍ମ ୧୯୪୯ ମସିହାରେ। ମାତା ପୌର୍ଣ୍ଣମାସୀ, ପିତା-ଦାଶରଥି ପଟ୍ଟନାୟକ (ଯିଏ କି ଓଡ଼ିଶାରେ ପାଠାଗାର ଆନ୍ଦୋଳନର ପୁରୋଧା ଥିଲେ)। ସେ ଥିଲେ ମାତାପିତାଙ୍କର କନିଷ୍ଠପୁତ୍ର। ଘର ନୟାଗଡ଼ ଜିଲାର ନୂଆଗାଁ ବ୍ଲକ ଅଧୀନ ଉଦୟପୁରରେ। ସେ କୁହନ୍ତି, 'ଗାଁ ଚାଟଶାଳୀରେ ପଢ଼ିବା ପରେ ତୃତୀୟ ଶ୍ରେଣୀରେ ସ୍କୁଲରେ ମୋ ନାମଲେଖା ହୋଇଥିଲା। ମୁଁ କୌଣସି ଉଚ୍ଚସ୍ତରୀୟ ଡିଗ୍ରୀଭିତ୍ତିକ ଶିକ୍ଷାଲାଭ କରିନାହିଁ। ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ସଂସ୍କୃତ ଆଦି ଭାଷା ସାହିତ୍ୟ ପ୍ରତି ମୋର ଗଭୀର ଅନୁରାଗ ରହିଛି। ଏଥିରେ ପ୍ରବେଶ ଓ ଦଖଲ ମଧ୍ୟ ରହିଛି। ସ୍କୁଲ ବୟସରୁ ମୁଁ ଦେଖିଆସିଛି ଆମ ଘରେ ଗଦା ଗଦା ପୁସ୍ତକ ସାଇତା ହୋଇ ରହିଥାଏ। ମୋ ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ପାଠାଗାର, ସଂଗ୍ରହାଳୟ ଏବଂ ସାହିତ୍ୟ ସଂସଦର ସମୃଦ୍ଧି ଓ ପରିଚାଳନାରେ ସହଯୋଗ କରିଆସିଛି।- ଏଥିପାଇଁ ବୋଧେ ପୁସ୍ତକପ୍ରେମୀ ହୋଇଯାଇଛି। ଆଉ ପଢ଼ିବା ମୋର ନିଶା ପାଲଟି ଯାଇଛି। ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଗ୍ରହାଳୟଟି ଯେବେଠାରୁ ସରକାରଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହେଲା ସେପର୍ଯ୍ୟନ୍ତ ତାହାର ପରିଚାଳନା ଓ ସମୃଦ୍ଧିରେ ସହଯୋଗ କରିଆସିଥିଲି। ତା'ପରେ ସପରିବାର ଭୁବନେଶ୍ୱରକୁ ଚାଲିଆସି ରହିଛୁ। ବୃତ୍ତିଗତ ଜୀବନର ପ୍ରଥମ ଅବସ୍ଥାରେ ସମାଜସେବା ଓ ଗ୍ରାମ ବିକାଶ କାର୍ଯ୍ୟରେ ସାମିଲ ହୋଇଥିଲି। ପରବର୍ତ୍ତୀ କାଳରେ ଏହି କ୍ଷେତ୍ରରେ




ଅଧିକ ସୁଯୋଗ ପାଇ ଗ୍ରାମ ବିକାଶ ଗବେଷଣା କ୍ଷେତ୍ରରେ ଜାତିସଂଘୀୟ ସଂସ୍ଥା (ଅନ୍ତର୍ଜାତୀୟ ଶ୍ରମ ସଂଗଠନ)ରେ କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟ କଲି। ଏହି କ୍ଷେତ୍ରରେ ବହୁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲି। ସେତେବେଳେ ଏସିଆ, ଆଫ୍ରିକା, ୟୁରୋପ, ଆମେରିକା ଓ ଲାଟିନ ଆମେରିକା ଆଦି ବାହାର ଦେଶ ଭ୍ରମଣ, ଏକାଧିକ ଅନ୍ତର୍ଜାତୀୟ ଫୋରମ ଓ ସଂଗଠନର କର୍ମକର୍ତ୍ତା ହେବା ସହ ପ୍ରତିନିଧିତ୍ୱ କରିଥିଲି। ଅନେକ ବିଦେଶ ରାଷ୍ଟ୍ର ଭ୍ରମଣ କରିଛି। ଏଥିରେ ବହୁବର୍ଷର ଅଭିଜ୍ଞତା ରହିଛି। ଅନ୍ତର୍ଜାତୀୟ ଶ୍ରମସଂଗଠନ (ଆଇଏଲ୍‌ଓ) ସମେତ ଅନ୍ୟ କେତେକ ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ମୋର କାର୍ଯ୍ୟ ସମ୍ପର୍କିତ କେତୋଟି ବିଷୟିକ ପୁସ୍ତକ ବିଶ୍ୱସ୍ତରରେ ପ୍ରକାଶିତ ହୋଇଛି। ସେତେବେଳେ ଶ୍ରୀଲଙ୍କା, ଇଣ୍ଡୋନେସିଆ, ମାଲେସିଆ, ଚାଇନା, କାମ୍ବୋଡିଆ, ଫିଲିପାଇନସ୍, ଭିଏଟନାମ୍, ଲାଓସ, ଥାଇଲାଣ୍ଡ, ବର୍ମା ଆଦି ବହୁ ବୌଦ୍ଧଧର୍ମବହୁଳ ଦେଶ ସମେତ ପ୍ରାୟ ୮୦ଟି ଦେଶ ବୁଲିଛି। ବିଶେଷକରି ଦକ୍ଷିଣ ଏସିଆର ଦେଶସମୂହ ଓ ଆଫ୍ରିକା ବୁଲିବାର ଅନୁଭୂତି ନିଆରା । ଭାରତର ପାରିବାରିକ ସମ୍ପର୍କ ବ୍ୟବସ୍ଥା, ଭାଇଚାରା ଓ ସଂସ୍କୃତି ବିଶ୍ୱରେ ବିରଳ। ଏହା ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ। ଆମ ଦେଶର ଐତିହ୍ୟ, ସଂସ୍କୃତି, ଧର୍ମଦର୍ଶନ ଓ ସାହିତ୍ୟ ପ୍ରତି ମନରେ ଅଧିକ ଆଗ୍ରହ ସୃଷ୍ଟି ହେବାରୁ ପୁରାତନ ସାହିତ୍ୟ, ପ୍ରାଚୀନ ଶାସ୍ତ୍ର, ଧର୍ମ ଓ ସଂସ୍କୃତିକୁ ଅଧିକରୁ ଅଧିକ ଜାଣିବା ପାଇଁ ମନ ସର୍ବଦା ଅଥୟ ହୋଇଥିଲା। ସ୍ୱାଧୀନମନା ହୋଇଥିବାରୁ କିଛି ନୂଆ କାର୍ଯ୍ୟ ପ୍ରତି ମନ ବଳାଇଥିଲି। ଦେଶ ଓ ବିଦେଶରୁ ପ୍ରାୟ ୨୦ ହଜାର ଇଣ୍ଡୋଲୋଜିକାଲ ପୁସ୍ତକ ସଂଗ୍ରହ କରିଥିଲି। ପୁସ୍ତକଗୁଡ଼ିକ ମଧ୍ୟରେ ସଂସ୍କୃତ, ହିନ୍ଦୀ, ଓଡ଼ିଆ ଓ ଇଂଲିଶ ଆଦି ଭାଷାରେ ରଚିତ ବିଭିନ୍ନ ପୁସ୍ତକ ରହିଛି। ସଂଗୃହୀତ ପୁସ୍ତକକୁ ନେଇ ଭୁବନେଶ୍ୱରଠାରେ ନିଜସ୍ୱ ଉଦ୍ୟମରେ ଏକ ବିରଳ ପାଠାଗାର ଗଠନ କରିପାରିଛି। ଏଥିରେ ଅଧିକାଂଶ ଇଣ୍ଡୋଲୋଜିକାଲ ପୁସ୍ତକ ଗବେଷଣା ପାଇଁ ରହିଛି। ଏହି ପୁସ୍ତକଗୁଡ଼ିକ ସୁରକ୍ଷିତ ହୋଇ ରହିଛି। ସଂଗ୍ରହାଳୟରେ ବିଭିନ୍ନ ପୁସ୍ତକ ପାଇଁ ପ୍ରାୟ ୩୦ଗୋଟି ବୁକ୍ ସେଲ୍‌ଫ ରହିଛି। ଏହି ପାଠାଗାର ପ୍ରତିଦିନ ସକାଳ ୯.୩୦ରୁ ରାତି ୯ଟା ଯାଏ ଖୋଲାଯାଇଥାଏ। ଏଠାରେ କେବଳ ଗବେଷକଙ୍କୁ ସହଯୋଗ କରାଯାଇଥାଏ। ଅନ୍ୟପକ୍ଷେ ୨୦୧୦ରୁ ବୃତ୍ତିଗତ କାର୍ଯ୍ୟରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇଛି। ୨୦୧୦ରେ ଧର୍ମଗୁରୁ ଦଲାଇଲାମା ଓଡ଼ିଶା ଆସିଥିଲେ ଗଜପତି ଜିଲାର ଜିରାଙ୍ଗ ଆସି ପଦ୍ମସମ୍ଭବ ମହାବିହାର ଉଦ୍‌ଘାଟନ କରିଥିଲେ। ସେବେଠାରୁ ନିରବଚ୍ଛିନ୍ନ ଭାବେ ବୌଦ୍ଧଗୁରୁମାନଙ୍କ ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ପ୍ରୟାସ କରିଛି। ଏକ ଇଂଲିଶ ପୁସ୍ତକ ରଚନା କରିଥିଲି, ଯାହାର ନାମ Uddiyana Guru Padmasam-bava-The Second Buddha ୨୦୨୪ ଆଦ୍ୟଭାଗରେ ପ୍ରକାଶ ପାଇସାରିଛି। ଏହି ପୁସ୍ତକର ତଥ୍ୟ ସଂଗ୍ରହ ଓ ରଚନା ଲାଗି ମତେ ପ୍ରାୟ ୧୦ ବର୍ଷରୁ ଅଧିକ ସମୟ ଲାଗିଯାଇଥିଲା।

ତାଙ୍କର ବହୁମୁଖୀ ପ୍ରତିଭାକୁ ଭାରତ ବିକାଶ ପରିଷଦ, ମୈତ୍ରୀ ଯୁବସଂସଦ ସମେତ ଅନେକ ସଂସ୍ଥାରୁ ମିଳିଛି ସମ୍ମାନ ଓ ପୁରସ୍କାର ।

**-ବନବିହାରୀ**







# ହଜିବା ଓ ପାଇବା ଭିତରେ ଜୀବନ

**– ଚିନ୍ମୟୀ ପଣ୍ଡା**

**ତୋ** ଆଉ ମୋ ଭିତରେ କେତେ ବର୍ଷା, ବର୍ଷା ଅଭିମାନର, ବର୍ଷା ଭଲପାଇବାର, ପୁଣି ବର୍ଷା ହଜିଯିବାର, ହେଲେ ମୁଁ କ'ଣ ଜାଣିଥିଲି ଯେ ତୁ ସତରେ ହଜିଯିବୁ ? ସକାଳୁ ଉଠିବା ମାତ୍ରେ ମୋ ହାତ ସ୍ୱତଃ ଫୋନ୍‌ର ସୁଇଚ୍ ଅନ୍ କରେ । ଆଖି ଖୋଜେ ତୋ ଲେଖା । ଗୋଟେ ଡଟ୍ ବି ହଉ ପଛେ, ତୋ ପାଖରୁ ଆସୁ । ମନେ ଅଛି ତୁ ପ୍ରତିଦିନ ଉଠି ମୋ ପାଇଁ ଗୋଟିଏ ଛୋଟ କବିତା ଲେଖିଥାଉ । ମୁଁ ତାକୁ ଦିନ ସାରା ଗୁଣୁଗୁଣେଇ ଥାଏ । ଯେତେବେଳେ ଠିକ୍ ସୁର ପାଏ, ଗାଇ ରେକର୍ଡ କରି ତତେ ପଠାଏ । ମୁଁ କଲେଜରେ କ୍ଲାସ୍ ନେଲାବେଳେ, ଘରୁ କଲେଜ ଯିବା ରାସ୍ତାରେ, ମାର୍କେଟରେ ଚାଲିବା ବେଳେ, ସବୁଠି ତୋ ଶବ୍ଦକୁ ବଞ୍ଚୁଥାଏ । ଝୁଣ୍ଟୁ ଥାଏ । ତୋରି ହିଁ ଶବ୍ଦଗୁଡିକ ସାଥିରେ ଗୁଡ଼େଇ ତୁଡ଼େଇ ହେଇ ସରିଯାଏ ମୋ ଦିନ । ଏତେ ଜୀବନ ଭରିଦିଅନ୍ତି ତୋ ହାତ ଲେଖା ପ୍ରତି ଶବ୍ଦ, ମୁଁ ସତେ ଯେମିତି ପହଁରୁଥାଏ ବା ଉଡୁଥାଏ ।

ଏବେ କେମିତି ବଞ୍ଚିବି କହିଲୁ । ମରୁଭୂମିରେ ସତେ ବା ଏକୁଟିଆ ଚାଲୁଛି । ଏଇ ଏକୁଟିଆ ନାମକ ରାକ୍ଷସ ମତେ ଅଧା ଖାଇ ସାରିଲାଣି । କ'ଣ ଏମିତି ହେଲା ଯେ , ତୁ ଆଉ ଲେଖିଲୁନି । କ'ଣ ମୁଁ ଗାଇବି ? ଦିନ ସାରା କାହାକୁ ନେଇ ବଞ୍ଚିବି କହ ତ' । ମୁଁ କାମସାରି କଲେଜ ବାହାରିବା ବେଳେ ତୋ ଫୋନ୍ ଆସେ, 'ଖାଇଚ ? ଜଲ୍‌ଦି ଆସିବ' । ମୁଁ ବେଳେ ବେଳେ ଭାବେ ତୁ ମୋଠୁ ଏତେ ଦୂରରେ, ଆଉ ଗୋଟାଏ ଦେଶରେ । ତୋର ସେଇଠି ଅଧରାତି, ମୁଁ ଯେବେ କଲେଜ ଯାଏ । ସବୁଦିନ ନ ଶୋଇ ଚାହୁଁ ? ନା ନିଦ ଭାଙ୍ଗିଯାଏ ? ସତ କହତ' ତୁ କ'ଣ କରୁ ? ଫିକ୍ କିନା ହସିଦେଇ କହୁ, 'ଯାଃ ଏଇ ଗୋଟେ କଥା' ।

ମୁଁ ଆସି ଘରେ ପଶୁପଶୁ କହୁ, ହୁଁ ଫ୍ରେଶ୍ ହେଇ ଗୋଟେ ରିଫ୍ରେସିଂ ଲେମ୍ବୁପାଣି ପିଅ । ଶୁଣ, ହାଲ୍‌କା ମ୍ୟୁଜିକ କିଛି ଶୁଣ ଭଲ ଲାଗିବ । ବିଥୋବାନ କମ୍ପୋଜିସନ ଶୁଣିବ ? 'ୟୁ ୱିଲ୍ ଫଲ୍ ଇନ୍ ଲଭ' । ମତେ କିଏ ଏମିତି ସବୁ କହିବ କହିଲୁ । ଫେରିଆ ପ୍ଲିଜ୍ ।

ରୋହନର ମନରେ ଏମିତି ଚାଲିଥାଏ ଦିନରାତି । ମୀରା ସହ ତା' ଚିହ୍ନା ସୋସିଆଲ ମିଡିଆରୁ । ସେ ରହେ ଲଣ୍ଡନରେ । ହେଲୋ, ହାଏରୁ ଭାରତୀୟ ଦର୍ଶନ, ପାଶ୍ଚାତ୍ୟ ଓ ଏସିଆନ ସାହିତ୍ୟ ଓ ଅନେକ କିଛି ଚର୍ଚ୍ଚା, ପୁଣି ତା ଭିତରେ କେମିତି ଗୋଟେ ଅପ୍ରତ୍ୟାଶିତ ବନ୍ଧୁତ୍ୱ ଓ ପ୍ରେମ । ପ୍ରେମ କିଛି ଏମିତି ସେମିତି ନୁହଁ, ସେ ଏକଦମ ମନ ଓ ପ୍ରାଣ ଦେବା ପ୍ରେମ । ଉଠିବା ଠୁ ଶୋଇବା ଯାଏଁ ଦୁହେଁ ଦୁହିଁଙ୍କ ସମ୍ପର୍କରେ ଥାଆନ୍ତି । ରୋହନ କେବେ ମୀରାକୁ ଭେଟିବାକୁ ଚାହିଁନି । ଏତେ ନିକଟତର ସେମାନେ ଯେ କେମିତି ହେଲେ, ଏଇ ସମ୍ପର୍କର ଲକ୍ଷ୍ୟ କ'ଣ ସେମାନେ ନିଜେ ବି ଜାଣିନାହାନ୍ତି । ସତେ ଯେମିତି ଆତ୍ମା ସହିତ ଆତ୍ମାର ଏକାକାର ହେବାର ଥିଲା । ହଠାତ୍ ମୀରା କଥା ହେବା କମ୍ କରିଦେଲା । ରୋହନ ଏହି ବଦଳିଯାଉଥିବା ମୀରାକୁ ବୁଝିପାରୁ ନ ଥାଏ । ସମ୍ଭାଳି ନ ପାରି ଦିନେ ପଚାରିଲା, " ଆମେ କ'ଣ ଦୂରେଇ ଯାଉଛେ କି ?" "ମୁଁ ସବୁବେଳେ ତମ ପାଇଁ କ'ଣ ଏମିତି ରହିପାରିବି ?" ମୀରାର ଉତ୍ତର ଥିଲା । "ତା' ହେଲେ ଆମେ କ'ଣ ଦୂରେଇ ଗଲେଣି ?" ରୋହନ ବ୍ୟସ୍ତ ହେଇ କହିଥିଲା । "ମୁଁ ଆଜିକାଲି ଆଗ ଭଳି ସମୟ ଦେଇପାରୁନି । ତମେ ବି ତମ ଜୀବନରେ କିଛି ଭିନ୍ନ କାମରେ ବ୍ୟସ୍ତ ରହିପାର ।" ରୋହନ କିଛି ଭାବିବା ଆଗରୁ ଫୋନ୍ ଡିସ୍ କନେକ୍ଟ ହେଇସାରିଥାଏ । କିଛିଦିନ ମୀରା ପୂରା ଚୁପ୍ । ସହି ନ ପାରି ରୋହନ କଲ୍ କଲା । ମୀରା ଗତ ଦୁଇ ମାସ କର୍କଟ ରୋଗରେ ଲଢ଼ି ଶେଷରେ ହାରିଗଲା ଓ ସପ୍ତାହେ ତଳେ ତା'ର ମୃତ୍ୟୁ ହେଇଛି । ଏହି ଖବର ପାଇ ରୋହନ କିଛି ସମୟ ଚୁପ୍ ହେଇଯାଇଥିଲା । ତା' ପରଠୁ ନିଜେ ଗପେ । ନିଜ ଭିତରେ ଗପୁଥାଏ । କେଜାଣି ସେ ମୀରାକୁ ହରେଇଲା ନା ପାଇଲା । ହଁ ଦୁହେଁ ବହୁତ ପ୍ରେମ କରୁଥିଲେ । ପାଇବା ହରେଇବାର ସୀମା ଡେଇଁ ।


*– ଭୁବନେଶ୍ୱର, ମୋ: ୯୮୬୧୧୯୧୯୬୯*

## ଆକାଶ

*–ପ୍ରିୟଦର୍ଶିନୀ ମହାରଣା*

**ସା**ତ ଭାଗ ହୋଇଗଲା ପରେ
ସବୁ ଆଶା, ସ୍ୱପ୍ନ, ସଫଳତା
ପୁଣି ନିରାଶା ଆଉ ମୃତ୍ୟୁ
ପଡ଼ିରହେ ଅଖଣ୍ଡ ଶୂନ୍ୟତା ।
ହାହାକାରର ଅନ୍ଧକାରରେ
ଇଡ଼ି ଯାଏ ଟୋପେ ଆଲୁଅ
ନଈର ରଙ୍ଗରୁ ବଉଳି ଆସେ
ଢେଉଏ ଅମାନିଆ ପଣ ।
ମାଟି ଛିଞ୍ଚାଡ଼ିଦିଏ ଥୋକେ ପାଣି
ଏବେ ଘୁମନ୍ତ କଳାପଣରେ
ଘୁମୁରୁଥାଏ ଋତୁଚକ୍ର
ଆହା, ତୁ ଦେ
ମୁଁ ନେବି
ପୁଣି ଅଜାଡ଼ି ଯିବ
କପାଳ ଭର୍ତ୍ତି ସମ୍ଭାବନା ।
ଏବେ ତୋର ମୋର
ସମୁଦ୍ର ସମୁଦ୍ର ଭାବ
ଆଲୁଅର ହାତଗୋଡ଼ରେ
ପଖାଳି ହୁଏ ପ୍ରେମ
ସୁଡ଼ଙ୍ଗ ସୁଡ଼ଙ୍ଗ ଆବୃତ୍ତିରେ
ଝଲସୁଥାଏ ପ୍ରେମ
ମହକିତ ପଦ୍ମନାଡ଼ରେ
ଅୟୁତ ଅୟୁତ ରତିକ୍ରୀଡ଼ା
ଆଲୁଅ ଅନ୍ଧାରର ଯନ୍ତରମନ୍ତରରେ
ଦେହ ସଙ୍ଗେ ବିଦେହର ସର୍ତ୍ତ ।
କହ, କେତେ ଜନ୍ମ ତୁ ମାଗିନେବୁ
ମାଗିନେବୁ ତ ବାରୁଣୀବନ୍ତର ମୋହ
ମାଗିନେ କପଟପଶାର ଆର୍ତ୍ତନାଦ
ମୃତ୍ୟୁର ଅଭିସମ୍ପାତରେ
ଛିଡ଼ିପଡୁ ଅଜସ୍ର ନକ୍ଷତ୍ର
ଶୂନ୍ୟ ସିଂହାସନର ତୁଇ
ଏକାଙ୍ଗ ଅଧିଶ୍ୱର ।

*–ବାଲୁଗାଁ, ଖୋର୍ଦ୍ଧା*
*ମୋ: ୬୩୭୧୨୨୯୨୦୯*



# ବାଣୀଙ୍କୁ ସମୟ ମିଳିଲେ...



ବାଣୀ

ବାଣୀ କପୁର ଯେତେ ବ୍ୟସ୍ତ ରହିଲେ ମଧ୍ୟ ଯେବେ ବି ତାଙ୍କୁ ସମୟ ମିଳେ ସେ ଗୋଟିଏ ଜିନିଷକୁ ପ୍ରାଥମିକତା ଦିଅନ୍ତି। ତାହା ହେଉଛି ଟେନିସ୍ ଖେଳିବା। ପଢ଼ିବା ସମୟରୁ ସେ ଏହା ସହ ଜଡିତ ଥିଲେ। ଏବେ ମଧ୍ୟ ତାଙ୍କର ଏହି ନିଶା ରହିଛି। ପ୍ରତିଦିନ କିଛି ସମୟ ଟେନିସ୍ ଖେଳିଲେ ତାଙ୍କୁ ଯେତେ ଆନନ୍ଦ ମିଳେ ତାହା ଆଉ କେଉଁଠୁ ମିଳି ନ ଥାଏ। ଏ ସମ୍ପର୍କରେ ବାଣୀ କହନ୍ତି, ''ସ୍କୁଲରେ ପଢ଼ିବାବେଳେ ଥରେ ଟେନିସ୍ ଖେଳିବାର ସୁଯୋଗ ମିଳିଥିଲା। କିଛି ସପ୍ତାହ ଖେଳିବା ପରେ ମୁଁ ଭାବିଲି ନିଜକୁ ଫିଟ୍ ରଖିବାର ଏହା ହେଉଛି ଏକ ଉତ୍ତମ ମାଧ୍ୟମ। ତେଣୁ ଏବେ ମଧ୍ୟ ସେହି ଖେଳ ସହ ମୁଁ ଜଡିତ ଅଛି।'' ଅଭିନୟ କରିବା ପୂର୍ବରୁ ସେ ମଡେଲିଂ ସହ ଜଡିତ ଥିଲେ। ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଇଗନୁ)ରୁ ସେ ଟୁରଜିମ୍‌ରେ ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି। ୟଶ ରାଜ ଫିଲ୍ମସ ବ୍ୟାନରରେ ନିର୍ମିତ 'ଶୁଦ୍ଧ ଦେଶୀ ରୋମାନ୍ସ'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। 'ଆହା କଲ୍ୟାନମ୍' ଥିଲା ତାଙ୍କର ପ୍ରଥମ ତାମିଲ ଫିଲ୍ମ।



ଶୈଳେନ୍ଦ୍ର

# କେବଳ ଝିଅ ପାଇଁ..

ସତରେ ମା' ହେବ ତ ଏମିତି। ଦେଖୁନାହାନ୍ତି ଝିଅର ଆଶା ପୂରଣ କରିବାକୁ ସେ କେମିତି ଲାଗିପଡିଛନ୍ତି। ସେ ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ଆଲୟା ଭଟ୍ଟ। କଥା କ'ଣ କି ସେ ଏବେ ଏକ ଭଲ କାହାଣୀଟିଏ ଖୋଜି ବୁଲୁଛନ୍ତି। ପୁଣି ତାହା ସମ୍ପୂର୍ଣ୍ଣ ଭାବରେ କମେଡି ଉପରେ ପର୍ଯ୍ୟବସିତ ହେବା ଦରକାର। ନିଜର ଏହି କାହାଣୀ ମିଶନ ବିଷୟରେ ଆଲିୟା କହନ୍ତି, ''ମୋର ଏହି କାହାଣୀ ଖୋଜା ପଛରେ ଏକ କାରଣ ରହିଛି। ନିକଟରେ ମୋ ଝିଅ ମୋତେ ଏକ କମେଡି ଫିଲ୍ମରେ ଅଭିନୟ କରିବାକୁ କହିଥିଲା। ତେଣୁ ତା' ମନ ବୁଝାଇବାକୁ ମୁଁ ଏହି ମିଶନ ଆରମ୍ଭ କରିଛି। ଏବେ ତ କମେଡିଭିତ୍ତିକ ଫିଲ୍ମର ଚାହିଦା କାହିଁରେ କେତେ। ପୁଣି ତାହାର ସିକ୍ୱେଲଗୁଡିକ ମଧ୍ୟ ହିଟ୍ ହୋଇଛି। ମୋର ଏହି ନୂଆ ପ୍ରୋଜେକ୍ଟ ବିଷୟରେ ମୁଁ ଜଣେ ପ୍ରଯୋଜକଙ୍କ ସହ କଥା ହୋଇଛି। ଫିଲ୍ମର କାହାଣୀ ଖୋଜିବା ଦାୟିତ୍ୱ ସେ ମୋ ଉପରେ ନ୍ୟସ୍ତ କରିବା ସହ କାହାଣୀ ମିଳିବା ପରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ବି କହିଛନ୍ତି। ଆଶା ରଖିଛି ମାତ୍ର ମାସେ ଭିତରେ ମୋର ଏହି ମିଶନ ସକ୍‌ସେସ୍ ହେବ।'' ଆଲିୟାଙ୍କର ଏହି କମେଡି ଫିଲ୍ମ ଯଦି ପ୍ରସ୍ତୁତ ହୁଏ, ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରିବ ତାହା ଦେଖିବାକୁ ବାକି ରହିଲା।



ଆଲିୟା

# କଥା ତିନି ଦଶନ୍ଧିର..

ବଲିଉଡ୍‌ର ଅଲରାଉଣ୍ଡ ହିରୋ ହେଉଛନ୍ତି ଅକ୍ଷୟ କୁମାର। ଅଭିନୟ ଓ ଜୀବନଶୈଳୀ ପାଇଁ ସେ ଯେତିକି ପରିଚିତ, ସାହାଯ୍ୟକାରୀ ଗୁଣ ପାଇଁ ବି ସେ ବେଶ୍ ଚର୍ଚ୍ଚିତ। ଇତି ମଧ୍ୟରେ ସେ ନିଜର ୫୮ତମ ଜନ୍ମଦିନ ପାଳନ କରିଛନ୍ତି। କେବଳ ସେତିକି ନୁହେଁ, ଦେଖୁଦେଖୁ ହିନ୍ଦୀ ସିନେମାରେ ତାଙ୍କର ଆକ୍ଟିଂ କ୍ୟାରିୟର ତିନି ଦଶନ୍ଧି ଅତିକ୍ରମ କରିସାରିଛି। ଦୀର୍ଘ ୩୪ ବର୍ଷର ମାରାଥନ୍ କ୍ୟାରିୟରରେ ସେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରିସାରିଲେଣି ଏବଂ ଏବେ ବି ନିଜର ଆକ୍ଟିଂ ଜାରି ରଖିଛନ୍ତି। ଅକ୍ଷୟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୌଗନ୍ଧ'। ଏହି ଚିତ୍ରଟି ୧୯୯୧ରେ ପରଦା ଉପରକୁ ଆସିଥିଲା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ରାଜ୍ ସିପ୍ପି। ସେତେବେଳେ ବକ୍ସ ଅଫିସରେ ଏହି ସିନେମା ପ୍ରାୟ ଦୁଇ କୋଟି ବିଜନେସ କରି ହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ଏହାପୂର୍ବରୁ ସେ ୧୯୮୭ ମସିହାରେ 'ଆଜ୍' ନାମକ ହିନ୍ଦୀ ସିନେମାରେ ଜଣେ କରାଟେ ଇନଷ୍ଟ୍ରକ୍ଟର ଭୂମିକାରେ ଅଭିନୟ କରିଥିଲେ। ୧୯୯୨ରେ 'ଖିଲାଡି' ତାଙ୍କୁ ନାୟକ ଦୌଡରେ ସାମିଲ କରାଇଥିଲା। ଆଉ ତା'ପରେ ସେ କେବେ ପଛକୁ ଫେରି ଚାହିଁ ନାହାନ୍ତି। ଭୂମିକାଟି ରୋମାଣ୍ଟିକ ହେଉ ଅବା କମେଡି ଅଥବା ସେଥିରେ ଭାବପ୍ରବଣତା ଭରି ରହିଥାଉ–ସେଗୁଡିକୁ ବେଶ୍ ସୂଚାରୁ ଭାବରେ ତୁଲାଇ ଦର୍ଶକଙ୍କ ହୃଦୟରେ ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି।



ଅକ୍ଷୟ

# ପ୍ରଥମରୁ ସଫଳତା, ହେଲେ...

ଅନନ୍ୟା ପାଣ୍ଡେଙ୍କ ବଡ ପରଦା କ୍ୟାରିୟର କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ଫିଲ୍ମରୁ ଆରମ୍ଭ ହୋଇଥିଲା। ପ୍ରଥମ ସିନେମା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମଫେୟାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ତା'ପରେ କିନ୍ତୁ ପ୍ରଯୋଜକଙ୍କ ଶୁଭ ଦୃଷ୍ଟି ତାଙ୍କ ଉପରେ ଯେମିତି ପଡ଼ିବା କଥା ପଡିଲା ନାହିଁ। ଫଳରେ ୬ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛନ୍ତି। ଆଉ ତା' ଭିତରୁ କେତୋଟି ଦର୍ଶକାଦୃତ ହୋଇଛି ତାହା ନ କହିବା ଭଲ। ତଥାପି ସେ ନିଜ ଉପରେ ଶତ ପ୍ରତିଶତ ଭରଷା ରଖିଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, ''ଯାହା ଘଟିଯାଇଛି ତାହା ଅତୀତ। ଏବେ ମୁଁ ବର୍ତ୍ତମାନ ଉପରେ ଫୋକସ କରୁଛି। ସମସ୍ତଙ୍କ କ୍ୟାରିୟରରେ ଅପ୍ ଆଣ୍ଡ ଡାଉନ୍ ଲାଗି ରହିଥାଏ। ଆଉ ମୁଁ ବା ସେଥିରୁ ବାଦ୍ ପଡିବି କେମିତି ? ତଥାପି ଆଶା ରଖିଛି ଆଗକୁ ପ୍ରଯୋଜକମାନେ ମୋତେ ଭଲ ଭଲ ଭୂମିକା ପାଇଁ ସାଇନ୍ କରିବେ।'' ଏକଥା ଅନନ୍ୟା ତ କେବଳ ଭାବିଦେଲେ ହେବ ନାହିଁ, ତାଙ୍କୁ ସେମିତିକା ସୁଯୋଗ ମିଳିବା ଦରକାର। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି !



ଅନନ୍ୟା

# ପୁଣି ଥରେ ଘମାଘୋଟ

ହାଇ ଭୋଲଟେଜ ଆକ୍ସନଭିତ୍ତିକ ସିନେମା 'ଘମାଘୋଟ' ଚଳିତ ବର୍ଷ ରିଲିଜ ହୋଇ ବେଶ୍ ଦର୍ଶକାଦୃତ ହୋଇଥିଲା। ଏବେ ଏହି ଚିତ୍ରଟିକୁ ଦର୍ଶକ ଓଟିଟି ପ୍ଲାଟଫର୍ମରେ ପୁଣି ଥରେ ଦେଖିବାକୁ ପାଇବେ। ଚଳିତ ମାସ ୨୨ ତାରିଖରେ ଏହାର ଷ୍ଟ୍ରିମିଂ ଅନ୍ୟତମ ପ୍ରମୁଖ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟରେ ଡିଜିଟାଲ ହେବାକୁ ଯାଉଛି । କୌସ୍ତୁବ ଡ୍ରିମୱାର୍କ୍ସ ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ଆଓ ନେକ୍ସଟର ସିଇଓ ତଥା ପ୍ରତିଷ୍ଠାତା କୌଶିକ ଦାସ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ରାଜା.ଡ଼ି । ଫିଲ୍ମଟି ଚଳିତ ବର୍ଷ ମାର୍ଚ୍ଚରେ ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ଗ୍ୟାଙ୍ଗୱାର ଉପରେ ଏହାର କାହାଣୀ ଗତି କରିଛି। ଏ ସମ୍ପର୍କରେ ନିର୍ଦ୍ଦେଶକ କହନ୍ତି, '' ଆକ୍ସନ ସିକ୍ୱେନ୍ସ ଗୁଡ଼ିକ ଷ୍ଟଣ୍ଟ ଡବଲ୍ସ କିମ୍ବା ବିନା ଦଉଡ଼ିରେ ପ୍ରଦର୍ଶନ କରାଯାଇଥିଲା, ଯାହାକି ଫାଇଟ ଦୃଶ୍ୟଗୁଡ଼ିକୁ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ କରିଥିଲା। କଳାକାରଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ଥିଲା, ସେଥିପାଇଁ ସୁଟିଂ ସମୟରେ ଦୁର୍ଘଟଣା ଆଶଙ୍କା ଥିବାରୁ ସମସ୍ତ ଅଭିନେତା ଓ ଅନ୍ୟ କଳାକାରଙ୍କୁ ବୀମାଭୁକ୍ତ କରାଯାଇଥିଲା।'' ଏହି ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । କୌଶିକ କୁହନ୍ତି ''ନୂଆ କଳାକାରମାନଙ୍କ ସହ ଅଭିଜ୍ଞ ଅଭିନେତାମାନେ ଆମ ଓଡିଆ ଦର୍ଶକଙ୍କ ପାଇଁ ଏକ ଗତିଶୀଳ କାହାଣୀକୁ ଅତ୍ୟନ୍ତ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ। ଯେଉଁଥିପାଇଁ ଫିଲ୍ମଟି ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲା ।''

# ଭାଗ୍ୟବତୀ ସନାୟା

ସନାୟା କପୁରଙ୍କ ଖୁସି କହିଲେ ନ ସରେ। କାରଣ ବର୍ତ୍ତମାନ ତାଙ୍କ ହାତରେ ୨–୩ଟି ନୂଆ ସିନେମା ରହିଛି। ତା'ସହ ଆଉ କେତୋଟି ଅଫର୍ ବିଷୟରେ କଥାବାର୍ତ୍ତା ବି ଚାଲିଛି। ନୂଆ ରୋମାଣ୍ଟିକ ଥ୍ରୀଲର ଫିଲ୍ମ 'ତୁ ୟା ମେଁ'ରେ ସେ ଅଭିନୟ କରିବେ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ଆଦର୍ଶ ଗୌରବ। ଫିଲ୍ମଟି ଆସନ୍ତା ବର୍ଷ ଭାଲେଣ୍ଟାଇନସ୍ ଡ଼େ' ରେ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ନିର୍ଦ୍ଦେଶକ ସୁଜାତ ସୌଦାଗର ଏକ ଅନଟାଇଟଲ୍‌ଡ ରୋମାଣ୍ଟିକ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଯେଉଁଥିରେ ସନାୟାଙ୍କୁ ଅଭୟ ବର୍ମାଙ୍କ ସହ ଦେଖିବାକୁ ମିଳିବ। ଏହାର ଶୁଟିଂ ଖୁବ୍ ଶୀଘ୍ର ଗୋଆରେ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସବୁଠାରୁ ଖାସ୍ କଥା ହେଲା ସେ ଏବେ ଏକ 'ଷ୍ଟୁଡେଣ୍ଟ ଅଫ ଦ ଇୟର' ନାମକ ଏକ ୱେବ୍ ସିରିଜରେ ମଧ୍ୟ ଅଭିନୟ କରିବେ। ଏହାର ନିର୍ଦ୍ଦେଶନା ଦେବେ ରିମା ମାୟା। ଏଭଳି ଅଫରଗୁଡିକ ବିଷୟରେ ସନାୟା କହନ୍ତି, ''ଯାହାହେଉ ମୋ ପ୍ରତି ଏବେ ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି। ଏସବୁ ସିନେମା ସାଇନ୍ କରିବା ପୂର୍ବରୁ ମୁଁ ଭଲ ଭାବରେ ତର୍ଜମା କରିଥିଲି। କାରଣ ବଲିଉଡ୍‌ରେ ଏବେ ମୋ କ୍ୟାରିୟର ଆରମ୍ଭ ହୋଇଛି। ତେଣୁ ଦେଖିଚାହିଁ ପାଦ ନ ପକାଇଲେ ମୋ କ୍ୟାରିୟର ପ୍ରଭାବିତ ହେବାର ଆଶଙ୍କା ରହିଛି।''



ସନାୟା

## ପ୍ରଥମ ରୋଜଗାର



ଲେଖକ ବିପିନ ମହାନ୍ତି
ନିଜ ପ୍ରଥମ ରୋଜଗାର
ସମ୍ପର୍କରେ ଯାହା କୁହନ୍ତି...

# ବୋଉର ବନ୍ଧା ପଡିଥିବା କାନଫୁଲ ମୁକୁଳେଇଥିଲି

ପ୍ରଥମ ରୋଜଗାର କଥା ଲେଖିଲା ବେଳକୁ ମୋ' ଆଖି ସାମ୍ନାରେ ନାଚିଉଠେ ମୋ ପିଲାଦିନ। ଅଭାବୀ ସଂସାର ଆଉ ଅସରା ଜୀବନ ଜିଇଥିବା ମଣିଷଟିଏ ମୁଁ। ବାପା ସେ ସମୟର ହୋମିଓପାଥିକ ଡାକ୍ତର, ବୋଉ ଗୃହିଣୀ, ଆମେ ଭାଇ ଭଉଣୀ ହୋଇ ଚାରିଜଣ। ମୁଁ ଓ ମୋ ତଳେ ତିନି ଭଉଣୀ। ବାପାଙ୍କର ମାପଚୁପ ରୋଜଗାରରେ ଆମ ସଂସାର ଚଳେ। ହୋମିଓପାଥିକ ବାପାଙ୍କର ପେସା ବୋଲି ତ ମୁଁ କହିବିନି ସେବା କହିଲେ ଠିକ୍ ହେବ। ଚାରଣା ପଇସା ଗୋଟିଏ ଔଷଧ ପୁଡ଼ିଆର ଦାମ୍। ବାପାଙ୍କର ସକାଳଟା ରୋଗୀସେବା। ଔଷଧ ଟେବୁଲ୍ ଉପରେ କିଛି ରେଜା ପଇସା ଗଦା ହୋଇଥିବ। ବୋଉ ମାଟି ହାଣ୍ଡିରେ ହାଣ୍ଡିଏ ପାଣି ବସେଇ ଦେଇ ଚୁଲି ମୁଣ୍ଡକୁ ଘସି ଗଦେଇଦେଇ ଅପେକ୍ଷା କରିଥିବ ବାପାଙ୍କୁ। ଦାଣ୍ଡ ବାରି ହେଉଥିବ ସିନା ବାପାଙ୍କୁ ସାହସ ଜୁଟାଇ ଚାଉଳ ପାଇଁ କହିପାରୁ ନ ଥିବ। ବାପା ଖୁବ୍ ଧୀର, ନମ୍ର, ସ୍ଥିର। ଅଭାବ ସତ୍ତ୍ୱେ କୌଣସି ଯୋଗୀ ଭିକାରି ଆମ ଦୁଆରୁ ଖାଲି ହାତରେ ଫେରିଯିବା ମୁଁ ଦେଖିନି କି ଆମେ କେବେ ଉପାସ ରହିବା ମୁଁ ଜାଣିନି। ସେତେବେଳେ ଭୋକର ବି ଗୋଟେ ଆତ୍ମୀୟତା ଥିଲା। ବେଲାଏ ତୋରାଣିରେ ମୁଠାଏ ମୁଢ଼ି ପକେଇ ଦେଇ ବୋଉ ତେଣ୍ଡେଇ ଦେଲେ ଭୋକ ମରିଯାଉଥିଲା। ତରକାରି ବୋଲି ଛୁଇଁ ବଡ଼ି ବେସର' ଦୁଆର ମୁହଁରେ ସଜନା ଗଛ। ବାଡ଼ିରେ ଖଡ଼ା, ପୁରୁଣି ଶାଗ, ଆଉ ସୁନୁସୁନିଆ ଶାଗ, ଭାଗ୍ୟକୁ ଭଗବାନଙ୍କ ଦେୟଭାବି ଗୁଜୁରାଣ ମେଣ୍ଟି ଯାଉଥିଲା। ବୋଉର ଗହଣା ବୋଲି କି କିଛି ନ ଥାଏ। ଆମକୁ ଗଢ଼ିବ ବୋଲି ସବୁ ବିକି ଭାଙ୍ଗି ଦେଇଥାଏ। ଅଭାବ ସତ୍ତ୍ୱେ ବି ବାପା ବୋଉଙ୍କର କଳି, ମନୋମାଳିନ୍ୟ କି ମତଭେଦ ହେବାର ମୁଁ କେବେ ଦେଖିନି। ଅଭାବ ପାଖରେ ବାପା କେବେ ନିଜର ଆତ୍ମ ସମ୍ମାନକୁ ବଳିଦେଇ ନ ଥାନ୍ତି।

ପରିବାରର ଅଭାବ ଲାଘବ କରିବା ପାଇଁ ମୁଁ ୨୧ ଅଗଷ୍ଟ ୧୯୭୮ ମସିହାରେ ଭାରତୀୟ ବାୟୁ ସେନାରେ ଯୋଗ ଦେଇଥିଲି। ମାଡ୍ରାସରେ ଥିଲା ଆମର ପ୍ରଶିକ୍ଷଣ କେନ୍ଦ୍ର, ଯାହା ଏବେ ଚେନ୍ନାଇ ନାମରେ ପରିଚିତ। ଗୋଟିଏ ପୁଅ ସେନା ବାହିନୀରେ ଯୋଗଦେବାକୁ ପରିବାର ଏତେ ସହଜରେ ଗ୍ରହଣ କରୁ ନ ଥିଲେ। ଏବେ ବି ମୋ' ଆଖି ସାମ୍ନାରେ ନାଚିଉଠେ ବୋଉର ସେ ଛଳଛଳ ଆଖି ଆଉ ବାପାଙ୍କ ଦୀର୍ଘଶ୍ୱାସର ନିର୍ବାକ ନୀରବତା। ଅଭାବ ପାଖରେ କେତେ ଅସହାୟ ମା'ବାପା। ବାୟୁ ସେନାରେ ଯୋଗଦେବାର ପ୍ରାରମ୍ଭିକ ଦିନଗୁଡ଼ିକ ଖୁବ୍ କଷ୍ଟଥିଲା। ଧୀରେ ଧୀରେ ନିଜ ଭିତରେ ନିଜେ ମୁଁ କଠୋର ହେଉଥିଲି। ଦେଶ ସେବା ଅପେକ୍ଷା ଧନ ଉପାର୍ଜନ କରିବି ଆଉ ପରିବାରର ଆବଶ୍ୟକତାକୁ ପୂରଣ କରିବା ଥିଲା ମୋର ଲକ୍ଷ୍ୟ। ସେଠି ରାଜା ଆଉ ରଙ୍କ ଆମେ ସମସ୍ତେ ସମାନ ଥିଲୁ। ଏକାପ୍ରକାର ଖାଇବା ପିଇବା, ରହନ ସହନ ଆମକୁ ଏକାକିତ୍ୱ କରିଥାଏ। ସଶରୀରରେ ମୁଁ ପ୍ରଶିକ୍ଷଣ କେନ୍ଦ୍ରରେ ଥିଲେ ବି ଅଶରୀରରେ ମୁଁ ଥାଏ ମୋ' ବାପା, ବୋଉ ଓ ଭଉଣୀମାନଙ୍କ ପାଖରେ। କେମିତି ଥିବେ ସେମାନେ କ'ଣ କରୁଥିବେ। ଏଇ ଭାବନାରେ ନିମଗ୍ନ ଥାଏ ମୋ' ସମୟ। ସେପ୍ଟେମ୍ବର ମାସ ତିରିଶ ତାରିଖ ସକାଳେ ମନଟା ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା। ଚର୍ଚ୍ଚାହେଲା କ'ଣ ନା ଆଜି ଦରମା ମିଳିବ। କେନ୍ଦ୍ର ସରକାରଙ୍କ ନିୟମ ମାସର ଶେଷ ଦିନରେ ଦରମା ମିଳିବାଟା ନିଶ୍ଚିତ। ସେତେବେଳେ ବ୍ୟାଙ୍କ ଖାତାରେ ଦରମା ମିଳୁ ନ ଥାଏ। ରେଭିନ୍ୟୁ ଷ୍ଟାମ୍ପ ମାରି ଦସ୍ତଖତ କରି ଦରମା ଗ୍ରହଣ କରିବାକୁ ହୁଏ। ସୈନ୍ୟବାହିନୀରେ ନିୟମ ଆଉ ଟିକେ ନିଆରା। ଶୁଣାଗଲା ବାରଟାବେଳେ ପେ ପ୍ୟାରେଡ୍ ହେବ। ଇଏ ଗୋଟିଏ ନୂଆ ପ୍ୟାରେଡ୍ ନାଆଁ ଶୁଣି ମନରେ ଉତ୍କଣ୍ଠା ବି ଥାଏ। ଠିକ୍ ବାରଟାରେ ହୁଇସିଲ୍ ବାଜିଲା। ପ୍ରଶିକ୍ଷଣ ଶ୍ରେଣୀ କକ୍ଷରୁ ବାହାରି ଆସି ଆମେ ସମସ୍ତେ ଧାଡ଼ି ବାନ୍ଧି ଠିଆହେଲୁ। ମନରେ ଉଦ୍‌ବେଗ ଥାଏ ଆଗକୁ କ'ଣ ହେବ। ଆଗ ରେଭିନ୍ୟୁ ଲଗେଇ ଦସ୍ତଖତ କଲି। ନଜରରେ ପଡ଼ିଲା ୪୧୫ ଲେଖା ହୋଇଛି। ସେପ୍ଟେମ୍ବର ମାସ ଦରମା ଓ ଅଗଷ୍ଟ ମାସର ୧୧ ଦିନର ଦରମା। ଚାରିଖଣ୍ଡ ନୂଆ ଶହେ ଟଙ୍କିଆ ଓ ପନ୍ଦର ଟଙ୍କା ଗ୍ରହଣ କରି ମୁଁ ଧାଡ଼ିରୁ ବାହାରକୁ ଆସିଲି। ସେତେବେଳେ ମନିଅର୍ଡର ଫର୍ମରେ ଟଙ୍କା ପଠାଇବା ହିଁ ଏକମାତ୍ର ମାଧ୍ୟମ ଥିଲା। ଟଙ୍କା ଧରି ଏକା ନିଃଶ୍ୱାସକେ ଦଉଡ଼ିଲି ଡାକ ଘରକୁ। ଦୁଇଟା ବାଜିଲେ ଡାକଘର ବନ୍ଦ ହୋଇଯିବ। ମନରେ ଉଦ୍‌ବେଗ ଥାଏ, ଜୀବନର ପ୍ରଥମ ରୋଜଗାର ବାପାଙ୍କ ପାଖକୁ ପଠେଇବି। ବାପାଙ୍କୁ ୩୦୦ ଟଙ୍କା ମନିଅର୍ଡର କରି ଦୁଇଧାଡ଼ି ହିଁ ଲେଖିଥିଲି। 'ବାପା ନିଜର ଯତ୍ନ ନେବ, ବୋଉର କାନଫୁଲ ମୁକୁଳେଇ ଦେବ'। ପଚାଶ ଟଙ୍କାରେ ଗାଁ ବଣିଆ ପାଖରେ ବନ୍ଧା ପଡ଼ିଥିବା ବୋଉର କାନଫୁଲ କଥା ଭାବିଲାବେଳେ ବୋଉର ଫୁଙ୍ଗୁଳା କାନଟା ମୋ ଆଖି ଆଗରେ ନାଚିଯାଏ। ଏ ପଇସା ମନିଅର୍ଡର କରିବାର ଖୁସି ବେଶିଦିନ ମୋ ପାଖରେ ରହିଲା ନାହିଁ। ଖୁବ୍ କମ୍ ଦିନ ବ୍ୟବଧାନରେ ବାପାଙ୍କ ଦେହାନ୍ତ ଓ ପରେ ପରେ ବୋଉର ଦେହାନ୍ତ ମର୍ମାହତ କରିଥିଲା ମୋତେ। ବାପାଙ୍କ ମୃତ୍ୟୁର ସାତଦିନ ପରେ ଓ ବୋଉର ମୃତ୍ୟୁର ଚାରିଦିନ ପରେ ମୁଁ ପହଞ୍ଚିଥିଲି ଘରେ। ବାପା ବୋଉଙ୍କ ମୁହଁରେ ନିଆଁ ନ ଦେଇ ପାରିଥିବା ଏକ ଅଭିଶପ୍ତ ରୋଜଗାରିଆ ପୁଅର କଳଙ୍କ ମୋ ମୁଣ୍ଡରେ। ମନେ ପଡ଼ିଗଲେ ସେ ସମୟ ଏବେ ବି ଦୁଃଖର ଦୋହାରେ ଗୁନ୍‌ଗୁନେଇ ହୋଇଯାଏ ମୋ କବିତାର ଧାଡ଼ି।

# ରଙ୍ଗିଲା ରାଧିକା ସପନ ରାଣୀ, ଘଡ଼ିକେ ବଦଳେ ପ୍ରେମ କାହାଣୀ

**ପ୍ରଶ୍ନ**–ସେ ମୋ ସପନର ରାଣୀ। ତାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ତାହା କେବେ ବାସ୍ତବତାର ରୂପ ନେବ କହିବେ କି ସାଥୀ ?

*–ଅଜୟ କୁମାର ଦାସ, ଯାଜପୁର*

**ଉତ୍ତର :** ଆପଣଙ୍କୁ ଏପରି ପ୍ରେମ ନିଶା ଘାରିଛି ଯେ ଆପଣ ଏବେ କେଉଁ ରାଇଜରେ ଅଛନ୍ତି ତାହା ଜାଣିପାରୁନାହାନ୍ତି। ମନକୁ ମନ ଭାବିଲେ ପ୍ରେମ ହେବା ଅସମ୍ଭବ ନୁହେଁ, ହେଲେ ତାହାର ସ୍ଥାୟିତ୍ୱ କେତେ ତାହା ଜାଣିବା ଦରକାର। ଏଣେ କହୁଛନ୍ତି ସେ ଆପଣଙ୍କ ସପନର ରାଣୀ। ତାକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି। ତାହା କେବେ ବାସ୍ତବତାର ରୂପ ନେବ–ଏଇଆ ନା ! ସପନ ହେଉଛି ଏକ ଅବାସ୍ତବ ତଥା କଳ୍ପନା ରାଇଜ। ସେଠାରେ ମନ ଆକାଶରେ କେତେ ଯେ ସୁନ୍ଦରୀଙ୍କ ମୁହଁ ଉଦ୍‌ଭାସିତ ହୋଇଉଠେ ତାହା କଳ୍ପନା କରିପାରିବେ ନାହିଁ। "ରଙ୍ଗିଲା ରାଧିକା ସପନ ରାଣୀ, ଘଡ଼ିକେ ବଦଳେ ପ୍ରେମ କାହାଣୀ।" ତେଣୁ ଏଭଳି ରାଇଜରେ ନୂଆ ପ୍ରେମ କାହାଣୀଟିଏ ନିମିଷକ ମଧ୍ୟରେ ସୃଷ୍ଟି ହୁଏ ପୁଣି ତାହା ଅଦିନ ମେଘ ପରି କୁଆଡେ ଉଭେଇ ଯାଏ। ତେଣୁ ବାସ୍ତବତାରେ ରହି ପ୍ରେମ କରନ୍ତୁ। ପ୍ରେମର ଅସଲ ମଜା ଅନୁଭବ କରିପାରିବେ।

**ପ୍ରଶ୍ନ**–ମତେ ଜଣେ ଝିଅ ଭଲ ପାଉଛି। ହେଲେ ସେ ଆଉ କାହାକୁ ଭଲ ପାଉ ନ ଥିବ ତାହାର କ'ଣ ଗ୍ୟାରେଣ୍ଟି ଅଛି ?

*–ପ୍ରମୋଦ କୁମାର, ରାଉରକେଲା*

**ଉତ୍ତର :**ପ୍ରେମ କରିବା ସମୟରେ ମନରେ ଯଦି ଥରେ ସନ୍ଦେହର ବାଦଲ ଉଙ୍କି ମାରିଲା, ଆଉ ତାହା ମନରୁ ସମ୍ପୂର୍ଣ୍ଣ ଭାବରେ ଅପସରି ନ ଗଲା, ତେବେ ଧରି ନିଅନ୍ତୁ ଏହି ଭାଇରସ୍ ଦିନେ ନା ଦିନେ ଆପଣଙ୍କ ପ୍ରେମର ସୁନେଲି ମୀନାରକୁ ଧୂଳିସାତ୍ କରିଦେବ। ସେ ଆଉ କାହାକୁ ଭଲ ପାଉଛି ବୋଲି ଆପଣ ଜାଣିଛନ୍ତି ନା ସନ୍ଦେହ କରୁଛନ୍ତି ? ଯଦି ସେଭଳି କିଛି ଲାଗୁଛି ତେବେ ପ୍ରଥମେ ସେହି ପ୍ରଶ୍ନର ସମାଧାନ କରନ୍ତୁ। ନ ହେଲେ ଆପଣଙ୍କ ସହ ପ୍ରେମ ନାଟକ କରି ସେ କେତେବେଳେ ଆଉ କୁଆଡେ ଫୁର୍ କରି ଉଡିଯିବ ତାହା ନିଜେ ବି ଜାଣିପାରିବେ ନାହିଁ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ? *–ଅମନ କୁମାର, କଟକ*

**ଉତ୍ତର :** କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ମୋ ପ୍ରେମିକା କଥା ସବୁବେଳ ଭାବୁଛି। ମୋର ଏହି ଭାବନା କେବେ ସତରେ ପରିଣତ ହେବ କହିବେ କି ସାଥୀ ? *–ବିଜୟ, ଅନୁଗୋଳ*

**ଉତ୍ତର :** ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।



# ଫ୍ୟାଶନରେ
# ଅଫ୍ ହ୍ୱାଇଟ ପ୍ରିଣ୍ଟେଡ୍ ସୁଟ୍



**ଅଫ୍ ହ୍ୱାଇଟ ପ୍ରିଣ୍ଟେଡ ସୁଟ୍ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିଲେ ସେମିତି କମ୍ଫର୍ଟେବଲ୍ ଓ ଗ୍ରେସ୍‌ଫୁଲ୍ ଲୁକ୍ ମିଳିଥାଏ। ଏହାକୁ ଅଫିସ୍ ହେଉକି ପାର୍ଟି, ଫଙ୍କସନ୍‌କୁ ବି ଆରାମରେ ପିନ୍ଧିକି ଯାଇହୁଏ। ଏପରିକି ପୂଜା ପାର୍ବଣରେ ଏହି ଟାଇପ୍‌ର ସୁଟ୍ ଯୁବତୀଙ୍କୁ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ଅଫ୍ ହ୍ୱାଇଟ ପ୍ରିଣ୍ଟେଡ୍ ସୁଟ୍ ସମ୍ପର୍କରେ ...**

**⁕ ଚନ୍ଦେରୀ ସିଲ୍କ ଅଫ୍ ହ୍ୱାଇଟ ପ୍ରିଣ୍ଟେଡ୍ ସୁଟ୍:** ଚନ୍ଦେରୀ ସିଲ୍କର ହାଲ୍‌କା ଫାବ୍ରିକ୍ ପାଇଁ ଯୁବତୀଙ୍କ ଗହଣରେ ଏହି ଆଉଟ୍‌ଫିଟ୍‌ର ଖୁବ୍ ଚାହିଦା ରହିଥାଏ । ବିଶେଷକରି ଚନ୍ଦେରୀ ସିଲ୍କର ଅଫ୍ ହ୍ୱାଇଟ ପ୍ରିଣ୍ଟେଡ୍ ସୁଟ୍ ଦେଖିବାକୁ ଯେମିତି ଟ୍ରେଣ୍ଡି ଲାଗେ ପିନ୍ଧିଲେ ସେମିତି ଆକର୍ଷଣୀୟ ଲୁକ୍ ମିଳେ । ଅଫିସିଆଲ୍ ପାର୍ଟିରେ ପିନ୍ଧିବା ପାଇଁ ଏହା ଏକ ପରଫେକ୍ଟ ଆଉଟ୍‌ଫିଟ୍ ହୋଇଥାଏ । ପୂଜାପର୍ବରେ ବି ଏହାକୁ ପିନ୍ଧି ଆରାମରେ ଫେଷ୍ଟିଭ୍ ଲୁକ୍ ପାଇହୁଏ । ତେବେ ଚନ୍ଦେରୀ ସିଲ୍କର ଅଫ୍ ହ୍ୱାଇଟ ପ୍ରିଣ୍ଟେଡ୍ ସୁଟ୍ ସାଙ୍ଗକୁ ପିଙ୍କ୍ କଲର୍‌ର ଦୁପଟ୍ଟା ପକାଇଲେ ଲୁକ୍ ଆହୁରି ସୁନ୍ଦର ଲାଗିଥାଏ ।

**⁕ ଅଫ୍ ହ୍ୱାଇଟ ପ୍ରିଣ୍ଟେଡ ଅର୍ଗାଞ୍ଜା ସୁଟ୍:** ସବୁବେଳେ ଏକାଭଳି ଡ୍ରେସ୍ ପିନ୍ଧି ପିନ୍ଧି ଯଦି ବୋର୍ ହୋଇଗଲେଣି, ତେବେ ସେ କ୍ଷେତ୍ରରେ ଅଫ୍ ହ୍ୱାଇଟ୍ ପ୍ରିଣ୍ଟେଡ ଅର୍ଗାଞ୍ଜା ସୁଟ୍ ପିନ୍ଧିବା ଏକ ବେଷ୍ଟ ଅପ୍ସନ ହୋଇପାରେ । ହାଲ୍‌କା ଟ୍ରାନ୍ସପରେଣ୍ଟ ଡିଜାଇନ୍‌ରେ ଆସୁଥିବା ଏହି ସୁଟ୍ ଯୁବତୀଙ୍କୁ ରୟାଲ୍ ଲୁକ୍ ଦେଇଥାଏ । ପୂଜା ପାର୍ବଣରେ ପିନ୍ଧିବା ପାଇଁ ଏହି ଆଉଟ୍‌ଫିଟ୍ ଠାରୁ ଭଲ ବିକଳ୍ପ ଆଉ କ'ଣ ହୋଇପାରେ । ଏହି ଶୁଟ୍ ସାଙ୍ଗକୁ ମ୍ୟାଚିଂ ହାଇହିଲ୍ ଓ ଜୁଏଲେରୀ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ ।



**⁕ ଅଫ୍ ହ୍ୱାଇଟ ଅନାରକଲି ସୁଟ:** ଅନାରକଲି ସୁଟ୍‌ରେ ଝିଅମାନେ ଅଧିକ ଆକର୍ଷଣୀୟ ଲାଗିଥାନ୍ତି । ବିଶେଷକରି ଅଫ୍ ହ୍ୱାଇଟ୍ ଅନାରକଲି ସୁଟ୍‌କୁ ପୂଜାପାର୍ବଣ ହେଉ କି ବାହାଘର, ବ୍ରତଘରରେ ପିନ୍ଧିଲେ ଝିଅମାନଙ୍କୁ କ୍ଲାସି ଲୁକ୍ ମିଳିଥାଏ । ସେହିପରି ଚିକନ୍‌କାରୀ ୱାର୍କ ହୋଇଥିବା ଅଫ୍ ହ୍ୱାଇଟ୍ ଅନାରକଲି ସୁଟ୍ ଝିଅଙ୍କୁ ରୟାଲ୍ ଲୁକ୍ ପ୍ରଦାନ କରିଥାଏ । ସବୁଠୁ ବଡ଼ କଥା ହେଉଛି ଏହାକୁ ଯେ କୌଣସି ଅକେଜନ୍‌ରେ ଆରାମରେ ପିନ୍ଧିହୁଏ ।

**⁕ ଅର୍ଗାଞ୍ଜା ସିଲ୍କ ଅଫ୍ ହ୍ୱାଇଟ ସୁଟ୍:** ଘରେ ବାହାଘର କିମ୍ବା କୌଣସି ବିଶେଷ କାର୍ଯ୍ୟକ୍ରମ ଥିଲେ, ସେ ସମୟରେ ଝିଅଟିଏ ଅର୍ଗାଞ୍ଜା ସିଲ୍କର ଅଫ୍ ହ୍ୱାଇଟ ସୁଟ୍ ପିନ୍ଧି ସମସ୍ତଙ୍କ ସାମ୍ନାକୁ ଆସିଲେ ସମସ୍ତେ ତା' ଆକର୍ଷଣୀୟ ରୂପର ବେଶ୍ ଚର୍ଚ୍ଚା କରିଥାନ୍ତି । କାରଣ ଏହି ସୁଟ୍ ହିଁ ଲୁକ୍‌କୁ ଅଧିକ ସୁନ୍ଦର କରିଦିଏ । ଆଉ ଯଦି ପ୍ରିଣ୍ଟେଡ୍ ଡିଜାଇନ୍‌ର ଅର୍ଗାଞ୍ଜା ସିଲ୍କ ଅଫ୍ ହ୍ୱାଇଟ୍ ସୁଟ୍ ପିନ୍ଧିଲେ ତା'ହେଲେ ତ ଏହାର ତୁଳନା ଆଉ କେଉଁ ଆଉଟ୍‌ଫିଟ୍ ସାଙ୍ଗେ କରିହେବନି ।

**⁕ ସିଲ୍କ ଅଫ୍ ହ୍ୱାଇଟ ପ୍ରିଣ୍ଟେଡ ସୁଟ୍:** ଅଫ୍ ହ୍ୱାଇଟ୍ ସିଲ୍କ ପ୍ରିଣ୍ଟେଡ୍ ସୁଟ୍ ବି ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହାସାଙ୍ଗକୁ ଛୋଟ ଛୋଟ ହ୍ୱାଇଟ୍ ଷ୍ଟୋନ୍‌ର ଜୁଏଲେରୀ ଓ ମ୍ୟାଚିଂ ହିଲ୍ ପିନ୍ଧିଲେ ଲୁକ୍ ଆହୁରି ଷ୍ଟାଇଲିଶ୍ ଲାଗିଥାଏ । ପୂଜାପାର୍ବଣ ଅବା ଅଫିସିଆଲ୍ ଲୁକ୍ ପାଇଁ ଏହି ଆଉଟ୍‌ଫିଟ୍ ବେଷ୍ଟ ଅପ୍ସନ ହୋଇଥାଏ ।

## କିଛି ଜାଣିବା କଥା

⁕ ଅଫ୍ ହ୍ୱାଇଟ୍ ପ୍ରିଣ୍ଟେଡ୍ ସୁଟ୍ ପିନ୍ଧିଲାବେଳେ ସବୁବେଳେ ଏହାର ଫିଟିଙ୍ଗ୍‌କୁ ନଜରରେ ରଖିବା ଦରକାର । ଢିଲାଢାଲା ନ ପିନ୍ଧି ଦେହକୁ ଭଲ ଫିଟିଙ୍ଗ୍ ହେଉଥିବା ଅଫ୍ ହ୍ୱାଇଟ୍ ସୁଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ ।

⁕ ଏହି ସୁଟ୍ ସାଙ୍ଗକୁ ଆଣ୍ଟିକ୍ ଅବା ଅକ୍ସିଡାଇଜ୍ଡ ଜୁଏଲେରୀ ଖୁବ୍ ସୁନ୍ଦର ମାନେ । ଓଭର୍ ସାଇଜ୍ ଇୟର ରିଂ ବି ଭଲ ଲାଗିଥାଏ ।

⁕ ସ୍ୟାଣ୍ଡେଲ୍, କୋହ୍ଲାପୁରୀ ଅବା ଯେ କୌଣସି ଏଥେନିକ୍ ଫୁଟ୍‌ୱେର୍ ଏହି ସୁଟ୍ ସାଙ୍ଗେ ପରଫେକ୍ଟ ମ୍ୟାଚ୍ କରିଥାଏ ।

⁕ ରେଡ୍, ୱାଇନ୍ ଅବା ଚେରୀ କଲର୍‌ର ଲିପ୍‌ଷ୍ଟିକ୍ ବି ଏହି ଲୁକ୍‌କୁ ଭଲ ମାନିଥାଏ ।







## ହାଃ ହାଃ

### ଚିକେନ

ପପୁ ରୁଟିରୁ ଖଣ୍ଡେ ଛିଣ୍ଡାଇ ନିଜେ ଖାଇବାବେଳେ ଆଉ ଖଣ୍ଡେ ଛିଣ୍ଡାଇ ପାଖରେ ଥିବା କୁକୁଡ଼ାକୁ ଦେଉଥିଲା।
ଏହା ଦେଖି ମଣ୍ଟୁ: ଇଏ କ'ଣ କରୁଛୁ?
ପପୁ: ଦେଖାଯାଉନି ମୁଁ ଚିକେନ୍ ସହ ରୁଟି ଖାଉଛି।

### ନାଗିନ୍

ସ୍ତ୍ରୀ ୨୦-୨୫ଟି ଗୁପ୍ ଚୁପ୍ ଖାଇବା ପରେ ସ୍ୱାମୀଙ୍କୁ: ଶୁଣନା, ଆଉ କେତେଟା ଖାଇବାକୁ ଇଚ୍ଛା ହେଉଛି।
ସ୍ୱାମୀ: ନାଗିନ୍, ଖାଇନେ।
ସ୍ତ୍ରୀ ରାଗିକି: କ'ଣ ତମେ ମତେ ନାଗିନ୍ କହିଲ?
ସ୍ୱାମୀ: ତମେ ତ ଖାଲି ମତେ ଭୁଲ୍ ବୁଝୁଛ। ମୁଁ କହିଲି ନା... ଗିନ୍...। ମାନେ ଗଣନି, ଖାଇଦିଅ...।

### ଅଣ୍ଡା

ମୁନା ରାଜେଶକୁ : ଜାଣିଛୁ ଆଜି ମୋ କୁକୁର ଅଣ୍ଡା ଦେଇଛି।
ରାଜେଶ: କ'ଣ ! କୁକୁର ଅଣ୍ଡା ଦେଇଛି?
ମୁନା: ହଁ।
ରାଜେଶ: ଏମିତି କେମିତି ସମ୍ଭବ ହେଲା?
ମୁନା: ମୁଁ ମୋ କୁକୁଡା ନାଁ କୁକୁର ଦେଇଛି।

### ଚୁଡେଲ

ସ୍ୱାମୀ: ପୃଥିବୀର ସବୁ ସ୍ତ୍ରୀ ଚୁଡେଲ।
ସ୍ତ୍ରୀ ରାଗିକି: ତା'ମାନେ କ'ଣ ମୁଁ ବି ଚୁଡେଲ?
ସ୍ୱାମୀ: ଆରେ ନାଇଁ, ତମେ ତ ରାଣୀ।
ସ୍ତ୍ରୀ ଖୁସି ହେଇକି: ସତରେ ମୁଁ ରାଣୀ?
ସ୍ୱାମୀ:ହଁ, ସେ ସମସ୍ତଙ୍କର ରାଣୀ।

### ଦିମାଗ

ବାହାଘରର କିଛିଦିନ ପରେ ଶ୍ୱଶୁରକୁ ଜ୍ୱାଇଁ : ଆପଣଙ୍କ ଝିଅର ତ ବୁଦ୍ଧି ବୋଲି କିଛି ନାଇଁ। ଲାଗୁଛି ତା'ର ମସ୍ତିଷ୍କ ହିଁ ନାହିଁ।
ଶ୍ୱଶୁର: ପୁଅ, ବାହାଘର ବେଳେ ତମେ ଝିଅର ଖାଲି ହାତ ମାଗିଥିଲ। ବୁଦ୍ଧି ବିଷୟରେ ତ କିଛି କଥା ଉଠି ନ ଥିଲା।



# ମାଳତୀଗଡ଼

ସଂସ୍କୃତି, ଇତିହାସ ଏବଂ କିମ୍ବଦନ୍ତୀର ଏକ ସଂଗ୍ରହାଳୟ ହେଉଛି ଗଞ୍ଜାମ ଜିଲା। ଏହି ଗୌରବମୟ ଗାଥାରେ ବହୁ ଆଲୋଚିତ, ଅନାଲୋଚିତ କୀର୍ତ୍ତିରାଜି ରହିଛି। ସେମିତି ବ୍ରହ୍ମପୁର-ଭଞ୍ଜନଗର ମାର୍ଗରେ ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ଓ ମୁନିଗାଡ଼ି ମଧ୍ୟରେ ବାମ ପାର୍ଶ୍ୱରେ ଏକ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଏକ ସୁରମ୍ୟ ପାହାଡ଼ ପଥିକଙ୍କୁ ଆକର୍ଷିତ କରେ, ଯାହାର ନାମ ମାଳତୀ ପାହାଡ଼। ଏହି ପାହାଡ଼ ପାଦଦେଶ ସନ୍ନିକଟ ଅଞ୍ଚଳରେ ଗଢ଼ି ଉଠିଥିବା ପ୍ରାଚୀନ ଗଡ଼କୁ ମାଳତୀଗଡ଼ ବୋଲି କୁହାଯାଉଥିଲା। ଅନେକ ଅନାଲୋଚିତ ଇତିହାସର ମୂକସାକ୍ଷୀ ଏହି ମାଳତୀ ପାହାଡ଼। ସୋମବଂଶୀ ରାଜାମାନଙ୍କୁ କେଶରୀ ବଂଶର ରାଜା ବୋଲି କୁହାଯାଉଥିଲା। କେଶରୀ ବଂଶର ସ୍ମୃତି ବହନ କରି ଗଢ଼ିଉଠିଛି ''କେଶରୀ ପଲ୍ଲୀ''। ପରବର୍ତ୍ତୀ ସମୟରେ ଲୋକମୁଖରେ ପରିଚିତ ହେଲା ''କେଶରା ପଲ୍ଲୀ''। ଐତିହାସିକମାନଙ୍କ ମତରେ, ଖ୍ରୀଷ୍ଟପୂର୍ବ ୮୮୫ଠାରୁ ୮୫୦ ମଧ୍ୟରେ ସୋମବଂଶୀ ଶାସକମାନେ ମାଳତୀଗଡ଼କୁ ଶାସନ କରୁଥିଲେ। ଦଶମ ଶତାବ୍ଦୀର ପ୍ରଥମ ଭାଗରେ ମାଳତୀଗଡ଼ର ସୋମବଂଶୀ ରାଜା ଭୌମକର ବଂଶ ଶାସିତ ଜୟ କଟକ (ଜଉଗଡ଼) ଅଧିକାରଭୁକ୍ତ କରିବା ପାଇଁ ଯୁଦ୍ଧଯାତ୍ରା କଲେ। ପ୍ରକାଶଯୋଗ୍ୟ, ନବମ ଶତାବ୍ଦୀର ଶେଷଭାଗରେ ଭୌମକର ନରପତିଙ୍କ ରାଜ୍ୟ ଶାସନ ଦୁର୍ବଳ ହୋଇପଡ଼ିଥିଲା। ତେଣୁ ସୋମବଂଶୀ ରାଜାଙ୍କ ସୈନ୍ୟବାହିନୀ ଭୌମକର ଦୁର୍ଗ ଆକ୍ରମଣ କଲେ। ଦୁର୍ଗର ପ୍ରାଚୀର ଅତିକ୍ରମ କରିବା ଅସାଧ ଥିଲା। ଜଉ ନିର୍ମିତ ହେତୁ ଏହା କଠିନ ଓ ମସୃଣ ଥିଲା। ଗୋଳା ପ୍ରବେଶ କରିପାରି ନ ଥିଲା କିମ୍ବା ଚଢ଼ିବା ସମ୍ଭବ ହେଉ ନଥିଲା। ଜଣେ ଗୋପାଳୁଣୀଠାରୁ ଜ୍ଞାତ ହେଲେ ଯେ, ଏହା ଜଉ ନିର୍ମିତ ଏବଂ ଅଗ୍ନି ସଂଯୋଗ କଲେ ଧ୍ୱସ୍ତବିଧ୍ୱସ୍ତ ହେଇଯିବ। ଏହି ପଦକ୍ଷେପ ନେଇ ସୋମବଂଶୀ ରାଜା ବିଜୟୀ ହୋଇ ପ୍ରତ୍ୟାବର୍ତ୍ତନ କଲେ।

ଜଉଗଡ଼ ଏବଂ ମାଳତୀଗଡ଼ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଦାସୀ କେଶରୀ ରାଣୀଙ୍କୁ ପଚାରିଥିଲେ- ହେ ମହାରାଣୀ! ଆମର ରାଜା ଯୁଦ୍ଧରେ ଜିତିଲେ ଆମେ ଜାଣିବା କିପରି? ରାଣୀ କହିଥିଲେ, ମାଳତୀ ପାହାଡ଼ ଶିଖରରେ ଜଳୁଥିବା ଅଖଣ୍ଡ ଦୀପ ଯଦି ଲିଭିଯାଏ, ତେବେ ରାଜା ପରାସ୍ତ ହେବା ସହ ବୀରଗତି ପ୍ରାପ୍ତି ବୋଲି ବୁଝିବା। ଦୀପ ତେଜୀୟାନ୍ ହେଇ ଯଦି ଜଳୁଥାଏ, ତେବେ ରାଜା ସୁରକ୍ଷିତ ସହ ବିଜୟୀ ହୋଇଛନ୍ତି ବୋଲି ବୁଝିବାକୁ ପଡ଼ିବ। ଦାସୀ ଓ ରାଣୀଙ୍କ ଏହି ଆଲୋଚନାକୁ ଜଉଗଡ଼ର ଗୁପ୍ତଚର ଶୁଣି ସହଯୋଗୀ ସୈନିକମାନଙ୍କୁ ନେଇ ମାଳତୀଗଡ଼ର ଶିଖରରେ ଜଳୁଥିବା ବିରାଟ ପ୍ରସ୍ତର ଦୀପାଳି, ଯାହାକି ଏକ ସ୍ତମ୍ଭ ଉପରେ ରହିଛି; ଗର୍ଭରେ ୨୫୦ ସେର ଜଡ଼ାତେଲ, ୯ ଫୁଟ ଲମ୍ବର ସଳିତାରେ ଦୀପ ଜାଳି ସମଗ୍ର ରାଜପ୍ରାସାଦକୁ ଆଲୋକିତ କରିବା ସହ ସମଗ୍ର ମାଳତୀଗଡ଼ ଦୃଶ୍ୟମାନ ହେଉଥିବା ରାଜାଙ୍କ ବିଜୟ ବୈଜୟନ୍ତୀ ସ୍ୱରୂପକୁ ଓଲଟାଇ ଦେଇଥିଲେ। ପରିଣାମ ସ୍ୱରୂପ ଉକ୍ତ ଦୀପାଳି ଲିଭି ଯାଇଥିଲା। ରାଜାଙ୍କ ବୀରଗତି ପ୍ରାପ୍ତ ଦୁଃଖରେ କେଶରୀ ରାଜାଙ୍କ ବାର ଜଣ ରାଣୀ ରାଣୀହଂସପୁରରେ ଥିବା ପୋଖରୀରେ ଜୀବନ ବିସର୍ଜନ କରିଥିଲେ। ଏହାର ପ୍ରମାଣ ସ୍ୱରୂପ ଓଲଟା ଯାଇଥିବା ଦୀପାଳି ଆଜି ମଧ୍ୟ ରହିଛି। ରାଜା ଏସବୁ ଘଟଣା ଶୁଣି ଦୁଃଖରେ ଭାଙ୍ଗି ପଡ଼ିବା ସହ ସେହି ପୋଖରୀରେ ଝାସ ଦେଇଥିଲେ। ପରେ ପରେ ମାଳତୀଗଡ଼ରେ ସୋମବଂଶୀମାନଙ୍କ ପତନ ଖ୍ରୀଷ୍ଟପୂର୍ବ ୮୮୫ରେ ହୋଇଥିଲା। ସମୟକ୍ରମେ ପ୍ରାକୃତିକ ଦୁର୍ବିପାକ କାଳରେ ମାଳତୀଗଡ଼ ମଧ୍ୟ କାଳର କରାଳଗର୍ଭରେ ଲୀନ ହେବା ସହ ପ୍ରାକୃତିକ ଦୁର୍ବିପାକ ଦ୍ୱାରା କ୍ରମଶଃ ରାଜବାଟୀର ଅଂଶସବୁ ମାଟିରେ ପୋତି ହେଇଯାଇଛି।

ସୋମବଂଶୀ ରାଜାଙ୍କ ପତନ ପରେ ଭଞ୍ଜବଂଶ ରାଜାଙ୍କ ଅଧୀନରେ ଏହି ଗଡ଼ ରହିଲା। ଏଠାରୁ ସୋମବଂଶୀଙ୍କ ଉପାସ୍ୟ ସୂର୍ଯ୍ୟଦେବଙ୍କ ମୂର୍ତ୍ତି ମାଟିତଳୁ ଉଦ୍ଧାର କରିନେଇ ଶ୍ରୀକର ଭଞ୍ଜ ବୁଗୁଡ଼ାରେ 'ବିରଞ୍ଚି ନାରାୟଣ' ମନ୍ଦିର ତିଆରି କଲେ। ଏହା ଦ୍ୱିତୀୟ ଅର୍କକ୍ଷେତ୍ର ନାମରେ ପରିଚିତ। କାଠରେ ଖୋଦିତ କାରୁକାର୍ଯ୍ୟ ଓ ଚିତ୍ରକଳା ପାଇଁ କୋଣାର୍କ ପରି ଏହାର ଆଦର ରହିଛି। ଏଠାରୁ ନେଇ ଶ୍ରୀଗଣେଶ ମୂର୍ତ୍ତି ନିମିନ ଗ୍ରାମରେ ପୂଜା ପାଉଛନ୍ତି। ମୁନିଗାଡ଼ି ନିକଟରେ ମା' ରତନେଇଙ୍କ ପୀଠ ରହିଛି। ପ୍ରତ୍ନତାତ୍ତ୍ୱିକ ଖନନ ସହ ଗବେଷଣା ଅନେକ ଅନାଲୋଚିତ ବିଷୟ ଲୋକଲୋଚନକୁ ଆଣିବାରେ ସହାୟକ ହେବ।

*– **ଚିନ୍ମୟ ରଞ୍ଜନ ମିଶ୍ର,** ମୋ:୯୪୩୯୪୦୭୧୮୯*

*ସହାୟକ ଗ୍ରନ୍ଥସୂଚୀ– ଦକ୍ଷିଣ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ବିଭବ/ ଘୁମୁସର କାବ୍ୟ।*











# ଦୋଆର୍ସ

ଦୋଆର୍ସ ବା ଦୁଆର୍ସ ; ଯାହା ପଶ୍ଚିମବଙ୍ଗ ଓ ଆସାମର କିଛି ଅଞ୍ଚଳରେ ପରିବ୍ୟାପ୍ତ ଏକ ମନୋରମ କ୍ଷେତ୍ର ଅଟେ । ଏହି ଅଞ୍ଚଳ ପଶ୍ଚିମବଙ୍ଗର ତିସ୍ତା ନଦୀଠାରୁ ଆସାମର ଉଦଲଗୁରି ଜିଲାର ଧନସିରି ନଦୀ ପର୍ଯ୍ୟନ୍ତ ପ୍ରାୟ ୩୫୦ କି.ମି ପର୍ଯ୍ୟନ୍ତ ବିସ୍ତୃତ । ଏହି ଅଞ୍ଚଳରେ ମୁଖ୍ୟତଃ ଜଙ୍ଗଲ ପରିବେଷ୍ଟିତ ଅନେକ ପାହାଡ଼, ପର୍ବତ, ଚା' ବଗିଚାର ଶାନ୍ତ ମନୋରମ ଦୃଶ୍ୟ ତଥା ଅନେକ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳିଥାଏ । ଏହି କ୍ଷେତ୍ରକୁ କେହି କେହି ଭୁଟାନର ପ୍ରବେଶ ପଥ ବୋଲି ବି କହିଥାନ୍ତି । କାରଣ ଦୋଆର୍ସର ଅର୍ଥ ଆସାମୀ, କାମତାପୁରୀ, ବଙ୍ଗଳା, ମୈଥିଳୀ, ଭୋଜପୁରୀ ତଥା ମାଗାହି ଭାଷାରେ ଦ୍ୱାର ବା ପଥ ବୋଲି କୁହାଯାଇଥାଏ । ଭୁଟାନର ପାହାଡିଆ ଅଞ୍ଚଳ ଏବଂ ଭାରତର ସମତଳ ଭୂମି ମଧ୍ୟରେ ପ୍ରାୟ ୧୮ଟି ପ୍ରବେଶ ପଥ ରହିଥିବା ସୂଚନା ରହିଛି । ଏହି ଅଞ୍ଚଳକୁ ସଙ୍କୋଶ ନାମକ ଏକ ନଦୀ ପୂର୍ବ ଏବଂ ପଶ୍ଚିମ ଦୋଆର୍ସରେ ବିଭକ୍ତ କରିଛି ; ଯାହା ପ୍ରାୟ ୮୮୦ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଅଞ୍ଚଳକୁ ନେଇ ଗଠିତ ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଦୋଆର୍ସ ପ୍ରଥମେ କୋଚ ରାଜବଂଶର ଅଧୀନରେ ଥିବା କାମତା ରାଜ୍ୟରେ ଥିଲା । ସେମାନେ ଏହାକୁ ଆସାମ ଓ ଭୁଟାନ ମଧ୍ୟରେ ଏକ ବାଣିଜ୍ୟ ପଥ ଭାବରେ କାର୍ଯ୍ୟ କରୁଥିଲେ । ଆସାମ ଭୁଟାନରୁ ରେଶମ କପଡା, ଏଣ୍ଡି କପଡା, ଶୁଖିଲା ମାଛ ଏବଂ ଚାଉଳ ଆଣୁଥିଲା ଏବଂ ପଶମ କପଡା, ସୁନା, ପଥର ଲୁଣ, କସ୍ତୁରୀ, କମ୍ବଳ ଆଦି ତାକୁ ଦେଉଥିଲା । ଏହିଥିରୁ ଅନୁମାନ କରିହୁଏ ଯେ, ବେପାର ବାଣିଜ୍ୟ କ୍ଷେତ୍ରରେ ଏହି ଅଞ୍ଚଳ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।  ସମୟକ୍ରମେ ଏହି ଅଞ୍ଚଳ କେତେଗୁଡିଏ ଶ୍ରେଣୀରେ ବିଭକ୍ତ ହେଲା । ଯେମିତିକି:


**ପଶ୍ଚିମ ଦୋଆର୍ସ:** ଏହା ହେଉଛି ଭାରତର ପଶ୍ଚିମ ବଙ୍ଗର ଉତ୍ତର ଭାଗ ତଥା ଆସାମର ଗୋଲପାରା ଜିଲାର ପଶ୍ଚିମରେ ଅବସ୍ଥିତ ଦୋଆର୍ସର ଏକ ଅଂଶ । ୧୮୬୫ ମସିହାରେ ପଶ୍ଚିମ ଦୋଆର୍ସ ବ୍ରିଟିଶମାନଙ୍କ ଅଧୀନରେ ଆସିଥିଲା । ହେଲେ ଏବେ ଏହି ଅଞ୍ଚଳ କାଲିମ୍ପୋଙ୍ଗ ଜିଲା, ଜଲପାଇଗୁଡ଼ି ଜିଲା, ଆଲିପୁରଦୁଆର୍ ଜିଲା ଏବଂ କୁଚ ବେହାର ଜିଲାର  ଅଧୀନରେ ଆସିଥାଏ ।

**ପୂର୍ବ ଦୋଆର୍ସ:** ଏହା ହେଉଛି ଲୋୟର୍ ଆସାମ ଅନ୍ତର୍ଗତ ଏକ ଅଂଶ । ସଙ୍କୋଶ ନଦୀ ଏବଂ ମାନସ ନଦୀ ମଧ୍ୟରେ ଥିବା ଦୋଆର୍ସକୁ ପୂର୍ବ ଦୋଆର୍ସ କୁହାଯାଏ । ପୂର୍ବ ଦୋଆର୍ସ ଅଧୀନରେ ଥିବା ପାଞ୍ଚଟି ଦୋଆର୍ସ ମଧ୍ୟରେ ବିଜନି, ସିଡଲି, ଚିରାଙ୍ଗ, ରିପୁ ଏବଂ ଗୁମା ଅନ୍ତର୍ଭୁକ୍ତ । ଏହି ଅଞ୍ଚଳ ବି ୧୮୬୫ ମସିହାରେ ବ୍ରିଟିଶମାନଙ୍କ ଶାସନାଧୀନ ଥିଲା । ଏହି ଅଞ୍ଚଳ ଆଜି ଆସାମର ବୋଡୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ରର ବୋଙ୍ଗାଇଗାଓଁ ଜିଲା ଏବଂ କୋକ୍ରାଝାର, ଚିରାଙ୍ଗ ଜିଲା ଅଧୀନରେ ଆସୁଛି ।

**କାମରୂପ ଦୋଆର୍ସ:** ଏହା ବି ହେଉଛି ଲୋୟର୍ ଆସାମ ଅନ୍ତର୍ଗତ ଏକ ଅଂଶ । ମାନସ ନଦୀ ଏବଂ ବୋର୍ନାଡି ନଦୀ ମଧ୍ୟରେ ଥିବା ଦୋଆର୍ସକୁ କାମରୂପ ଦୋଆର୍ସ କୁହାଯାଏ । କାମରୂପ ଦୋଆର୍ସ ଅଧୀନରେ ଥିବା ପାଞ୍ଚଟି ଦୋଆର୍ସ ମଧ୍ୟରେ ବିଜନି, ଚାପାଖାମାର, ଚାପାଗୁଡ଼ି, ବାନ୍ସକା ଏବଂ ଗୁରକୋଲା ଅନ୍ତର୍ଭୁକ୍ତ ।

**ଡାରଙ୍ଗ ଦୋଆର୍ସ:** ଡାରଙ୍ଗ ଦୋଆର୍ସ ମଧ୍ୟ ଲୋୟର ଆସାମର ଏକ ଅଂଶ । ବୋର୍ନାଡି ନଦୀ ଏବଂ ଧାନସିରୀ ନଦୀ ମଧ୍ୟରେ ଥିବା ଦୋଆର୍ସକୁ ଡାରଙ୍ଗ ଦୋଆର୍ସ କୁହାଯାଏ । ଡାରଙ୍ଗ ଦୋଆର୍ସ ଅଧୀନରେ ଥିବା ତିନୋଟି ଦୋଆର୍ସ ମଧ୍ୟରେ କିଲିଙ୍ଗ୍, ବୁରିଗୁମା ଏବଂ କୋରିୟାପାର୍ ଅନ୍ତର୍ଭୁକ୍ତ ।

**ମୁଖ୍ୟ ଆକର୍ଷଣ:** ଏହା ସମୟାନୁସାରେ ଯେତେ ଶ୍ରେଣୀରେ ବିଭକ୍ତ ହେଲେ ବି ପର୍ଯ୍ୟଟକଙ୍କ ଦେଖିବା ପାଇଁ ଏଠାରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି । ଯେମିତିକି: ଦୋଆର୍ସର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋରମ । ଏଠାରେ ପର୍ଯ୍ୟଟକ ଘନ ଜଙ୍ଗଲ, ପାହାଡ, ପର୍ବତ ତଥା ଅନେକ ଚା' ବଗିଚା ଦେଖିବାର ସୁଯୋଗ ପାଇପାରିବେ । ଏହାଛଡ଼ା ଏହି କ୍ଷେତ୍ର ଅଧିନରେ ଅନେକ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବି ଆସିଥାଏ । ତନ୍ମଧ୍ୟରୁ ବକ୍ସା ଟାଇଗର୍ ରିଜର୍ଭ, ମହାନନ୍ଦା ବନ୍ୟପ୍ରାଣୀ ଅଭୟାରଣ୍ୟ, ମାନସ ନ୍ୟାସନାଲ୍ ପାର୍କ ଇତ୍ୟାଦି ପ୍ରମୁଖ । ତା'ଛଡ଼ା ଏହି କ୍ଷେତ୍ର ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀର ଆକର୍ଷଣୀୟ ଦୃଶ୍ୟକୁ ବି ପର୍ଯ୍ୟଟକ ମନଭରି ଉପଭୋଗ କରିପାରିବେ । ଏଥିସହିତ ଅନେକ ନିଆରା ଅନୁଭୂତି ବି ସାଉଁଟିପାରିବେ ।



# ଉଡ଼ାଜାହାଜର ଝରକା ଗୋଲାକାର କାହିଁକି ?



**ସାଧାରଣତଃ ସବୁ ଘର ଓ ବିଲ୍ଡିଂର ଝରକା ଚାରିକୋଣିଆ ହୋଇଥାଏ । ହେଲେ କେବେ ନଜର କରିଛନ୍ତି କି ଉଡ଼ାଜାହାଜର ଝରକା ଚାରିକୋଣିଆ ନ ହୋଇ ବରଂ ଗୋଲାକାର ଅବା ଅଣ୍ଡାକୃତିର ହୋଇଥାଏ । ତେବେ ଏମିତି କାହିଁକି ଓ ଏହା ପଛର କାରଣ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...**

ବିମାନର ଝରକା ଗୋଲାକାର ହେବା ପଛର ପ୍ରମୁଖ କାରଣ ହେଉଛି ସୁରକ୍ଷା । ବାୟୁରେ ଚାପ ଯୋଗୁ ଚାରିକୋଣିଆ ଝରକା ଭାଙ୍ଗିବାର ଆଶଙ୍କା ଥାଏ । କାରଣ ଏଭଳି ଡିଜାଇନ୍‌ରେ ଚାରୋଟି ଦୁର୍ବଳ ପଏଣ୍ଟ ଥାଏ । ତାହା ହେଉଛି ଝରକାର ତୀକ୍ଷ୍ଣ ଚାରି କୋଣ । ଯଦି ଏହା ଉପରେ ଚାପ ପଡ଼େ ଚାପ ଅନ୍ୟଆଡ଼କୁ ବ୍ୟାପିପାରି ନ ଥାଏ । ତେଣୁ ଉଡାଣ ସମୟରେ ହିଁ ସବୁ ଚାପ କେନ୍ଦ୍ରୀଭୂତ ହୋଇ କାଚ ଭାଙ୍ଗିବାର ଆଶଙ୍କା ଥାଏ । ସେଥିପାଇଁ ଝରକାକୁ ଗୋଲାକାର ତଥା ଏହାର କୋଣଗୁଡ଼ିକୁ ଗୋଲାକାର କରାଯାଏ । ଯଦ୍ୱାରା କି ଚାପ ବା ପ୍ରେସର ଚାରିକୋଣରୁ ହଟି ଚାରିଆଡ଼େ ବ୍ୟାପିଯାଏ । ଫଳରେ ଝରକାର କାଚ ଭାଙ୍ଗିବାର ଆଶଙ୍କା କମିଯାଏ । ୧୯୫୩ ଓ ୧୯୫୪ ମସିହାରେ ଚାରିକୋଣିଆ ଝରକା ପାଇଁ ବାୟୁର ଚାପ ପଡ଼ି ଦୁଇଟି ବିମାନ କ୍ଷତିଗ୍ରସ୍ତ ହୋଇଥିଲା ।

ଯେବେ କୌଣସି ବିମାନ ବହୁ ଉଚ୍ଚତାରେ କ୍ରୁଜିଂ ଫେଜ୍‌ରେ ପହଞ୍ଚେ ବାହାର ବାୟୁର ଚାପ କମିଯାଏ । କିନ୍ତୁ କ୍ୟାବିନରେ ଚାପ ବଜାୟ ରହିଥାଏ । ଏହି ଚାପର ଅନ୍ତର ବିମାନ ସଂରଚନା ଉପରେ ପ୍ରଭାବ ପକାଏ ଓ ପ୍ରବଳ ଚାପ ପକାଇପାରେ । ଗୋଲ ଝରକା ସଂରଚନାତ୍ମକ ଭାବେ ମଜଭୁତ ହୋଇଥାଏ । ତା'ସହ ଚାପକୁ ଚାରିଆଡ଼େ ଖେଳାଇଦିଏ । ତେଣୁ ଏହା ବାରମ୍ବାର ବଦଳୁଥିବା ଚାପକୁ ଭଲଭାବେ ସହିପାରେ ।

ଉଡ଼ାଜାହାଜରେ ଚାପ ପଡ଼ିବା ଓ ଚାପ କମିବାର ଚକ୍ର ଲଗାତର ଲାଗି ରହେ । ଫଳରେ ବିମାନର ଧାତୁରେ ଚାପ ପଡ଼େ । ଗୋଲ ଝରକା ଏହି ଚାପକୁ କମ୍ କରିଥାଏ । ଆଉ ବିମାନର ଢାଞ୍ଚାର ବୟସ ବଢିଥାଏ । ଫଳରେ ଏୟାରଲାଇନଗୁଡ଼ିକୁ ବିମାନର ଯତ୍ନ ଓ ମରାମତିରେ ଅଧିକ ସମୟ ଓ ଟଙ୍କା ବ୍ୟୟ କରିବାକୁ ପଡ଼େନା ।

ଆପାତକାଳୀନ ସ୍ଥିତିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ ଥାଏ । ଗୋଲାକାର ଝରକା ଡିଜାଇନ୍ ମଜଭୁତ ଓ ବାୟୁ ଚାପରେ ଭାଙ୍ଗି ନ ଥାଏ । ଫଳରେ ଯାତ୍ରୀଙ୍କୁ ସୁରକ୍ଷା ମିଳିଥାଏ । ଯଦି ଝରକା ଚାରିକୋଣିଆ ହୋଇଥାନ୍ତା କ୍ୟାବିନର ଚାପ କାରଣରୁ ଝରକା ଭାଙ୍ଗିବାର ଆଶଙ୍କା ଥାଆନ୍ତା, ଯାହାକି ଯାତ୍ରୀଙ୍କ ପାଇଁ ବିପଜ୍ଜନକ ହୋଇପାରେ ।

ଗୋଲ ଝରକା ବିମାନର ସୌନ୍ଦର୍ଯ୍ୟକୁ ବି ବଢାଏ । ତା'ସହ ବିମାନର ଗୋଲାକାର ଢାଞ୍ଚାରେ ଗୋଲାକାର ଝରକା ସହଜରେ ଫିଟ୍ ହୋଇଯାଏ । ଆଉ ଏହି ଝରକା ଦେଇ ବାହାରର ଦୃଶ୍ୟ ବେଶ୍ ସୁନ୍ଦର ବି ଦେଖାଯାଏ ।



# ଚାଣ୍ଡେଲିୟର୍ ୱେଡିଂ କେକ୍

ବିବାହକୁ ଖାସ୍ କରିବାକୁ ସମସ୍ତେ ଚାହାନ୍ତି । ତେଣୁ କିଏ କେତେ ପ୍ରକାରର ଆୟୋଜନ କରନ୍ତି । ଆଉ ଯଦି ସେଲିବ୍ରିଟିଙ୍କ ବିବାହ ହୁଏ ତେବେ ତ ନିଶ୍ଚିତଭାବେ କିଛି ସ୍ୱତନ୍ତ୍ର ଧରଣର ହେବ ବୋଲି ସମସ୍ତଙ୍କର ଆଶା ଥାଏ । ମାଲେସିଆର ଅଭିନେତ୍ରୀ ଜାହିରା ମାକ୍‌ୱିଲସନ୍ ଓ ଅଭିନେତା ଐମାନ ହକିମ୍ ରେଜାଙ୍କର ଯେବେ ବିବାହ ହେବାକୁ ଥିଲା ସମସ୍ତେ ଭାବିଥିଲେ ନିଶ୍ଚିତଭାବେ କିଛି ସ୍ୱତନ୍ତ୍ର ହେବ ବୋଲି । ହେଲେ ଏମିତି ଏକ ବଡ ଆଶ୍ଚର୍ଯ୍ୟକୁ ସାମ୍ନା କରିବେ ବୋଲି କେହି କେବେ ଭାବି ନ ଥିଲେ । ୱେଡିଂ ଭେନ୍ୟୁରେ ସମସ୍ତେ ଦେଖିବାକୁ ପାଇଲେ ଏକ ବିରାଟକାୟ ୱେଡିଂ କେକ୍, ସେ ପୁଣି ସିଲିଂରୁ ଝୁଲି ରହିଥିବା ଏକ ବିରାଟକାୟ କେକ୍ । ଥାକ ଥାକ ହୋଇ ରହିଥିବା ସେହି କେକ୍‌ଟିକୁ ଏତେ ସୁନ୍ଦରଭାବେ ଡେକୋରେଟ୍ କରାଯାଇଥିଲା ଯେ ଦେଖିବାକୁ ତାହା ଏକ ଚାଣ୍ଡେଲିୟର୍ ପରି ଲାଗୁଥିଲା । ସମସ୍ତଙ୍କ ନଜର ତାରି ଉପରେ ଲାଖି ରହିଥିଲା । ଏତେବଡ଼ କେକ୍ ଭଲା କେମିତି ସିଲିଂରୁ ଝୁଲି ରହିପାରେ ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ । କୁଆଲାଲମପୁରର ପ୍ରସିଦ୍ଧ କେକ୍ ଶପ୍ 'ଲିଲି ଆଣ୍ଡ ଲୋଲା କେକ୍‌ସ' ଏହାକୁ ତିଆରି କରିଥିଲେ । ଏକ ସପ୍ତାହ ଲାଗିଥିଲା ଉକ୍ତ କେକ୍‌କୁ ତିଆରି କରିବା ପାଇଁ । କେକ୍ ଶପ୍‌ର ମାଲିକାଣୀ ଲିଲି ଓ ତାଙ୍କ ଭଉଣୀ ଏହାକୁ ତିଆରି କରିଥିଲେ । କେକ୍‌କୁ ଚାଣ୍ଡେଲିୟର୍ ରୂପ ଦେଇ ସିଲିଂରୁ ଝୁଲାଇବା ଥିଲା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ହେଲେ ସେମାନେ ବୁଦ୍ଧି ଖଟାଇ ନୂତନ କୌଶଳ ବ୍ୟବହାର କରି ଏହାକୁ ସଫଳ କରିପାରିଥିଲେ ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଚରଣ-ଆଚରଣ-ଉଚ୍ଚାରଣ

ସଂସାରରେ ସବୁବେଳେ ସେବା-ସେବ୍ୟ-ସେବକମାନଙ୍କର ସମ୍ପର୍କ ଭାରି ନିବିଡ଼ ମନେହୁଏ । ହେଲେ ସେବ୍ୟମାନଙ୍କର 'ଚରଣ-ସେବକ'ଙ୍କ ପ୍ରତି ବ୍ୟବହାର କିପରି, ଜାଣିଗଲା ପରେ ମୁଁ ରହିପାରିଲିନି । ପ୍ରକୃତରେ ଚରଣ-ସେବକ ଭାରି ଶୃଙ୍ଖଳିତ, ସହନଶୀଳ, ସମ୍ବେଦନଶୀଳ, ଶାନ୍ତିପ୍ରିୟ। ତ୍ୟାଗମୟ ସେବା ଯୋଗାଇ ଆସୁଥିଲେ ବି ସେବ୍ୟମାନଙ୍କ ସକାଶେ ଏମାନେ ସବୁବେଳେ ନିନ୍ଦିତ, ଅପମାନିତ, ଲାଞ୍ଛିତ। ଏପରି କି କେବେ କେବେ ଅପହୃତ ହେବା ସହ ବୁଲା ହିଂସ୍ରପ୍ରାଣୀଙ୍କ ଦ୍ୱାରା କ୍ଷତବିକ୍ଷତ, ଭକ୍ଷିତ ହେବାକୁ ବି ପଡିଛି। ସେମାନଙ୍କ ଦଇନି ମୋ କାନରେ ପଡିବା ପରେ ଦିନେ ପଚାରିଲି, ହେ ଚରଣ ସେବକଗଣ ! କ'ଣ ତମ କାନ୍ଦିବାର କାରଣ ? ଦେଖିଆସୁଛି... ଅନେକଙ୍କ ଚରଣ, ଆଚରଣ, ଉଚ୍ଚାରଣଠାରୁ ବରଂ ବହୁତ ଭଲ। ହେଲେ ଆଜି ଚରଣ-ସେବକଙ୍କ ରୋଦନର କାରଣ କ'ଣ ? ବହୁତ ପଚାରିବା ପରେ ଚରଣ ସେବକମାନଙ୍କ ସଭାପତି ମଥାପୋତି କହିଲେ, ହେ ଭାଇ ! ତମ ଆଗରୁ ଆମ ଦୁଃଖ କ'ଣ.. ଶୁଣିବାକୁ ପଚାରି ନାହାନ୍ତି କେହି । ତେବେ ପଚାରିଛ, ଯଦି କହୁଛି । ଆମ ବିନା ଏଇ ସଭ୍ୟ ଶିକ୍ଷିତ ସେବ୍ୟମାନଙ୍କର ଚାଲିବା, ବୁଲିବା ଏମିତିକି ଘରେ ବାହାରେ, ଡାକ୍ତରଖାନାରେ କି ପାଇଖାନାରେ ଅବା ପାର୍ଲାମେଣ୍ଟରେ, ଶ୍ୱଶୁର ଘରେ କି ସମୁଦି ସାଥିରେ ଯାଇ ହୁଏନି କି ଶାଳକ ସଙ୍ଗେ କେଉଁଠି ଚଳିହୁଏନି । ଅଥଚ ସେବ୍ୟ- ମଣିଷ, ଦୁନିଆକୁ ଶୃଙ୍ଖଳାର ଜ୍ଞାନ ପଢ଼େଇ ପଢ଼େଇ, ନିଜେ ଏତେ ଉଚ୍ଛୃଙ୍ଖଳିତ ଓ ବିଶୃଙ୍ଖଳିତ ଯେ, ତାଙ୍କ ପାଇଁ ଆମେ ନିନ୍ଦିତ ଅବହେଳିତ ! ମନ୍ଦିର ଭିତରକୁ, ବନ୍ଧୁ ଘରକୁ,ଡାକ୍ତରଙ୍କ କ୍ଲିନିକକୁ ଅବା କେଉଁ ପବିତ୍ର ସଭା ଗୃହକୁ କିମ୍ବା ମହାପୁରୁଷଙ୍କୁ ମାଲ୍ୟାର୍ପଣ କରିବାକୁ ସିନା ଆମ ବାବୁ-ଭକ୍ତ-ସେବାନୁରକ୍ତ ହେଇ ଯାଆନ୍ତି, ହେଲେ ଆମକୁ ବାହାରେ ଛାଡ଼ିଦେଇ ନିଜେ ଛାଇରେ କିମ୍ବା ଶୀତତାପ କୋଠରିରେ ପଶନ୍ତି-ବସନ୍ତି, ମାତ୍ର ଆମ କଥା ଭୁଲିଯାଆନ୍ତି । ଆମେ ଚରଣ ସେବକ ଖରା ଖାଇ, ବର୍ଷା ମାଡ଼ ସହି, ସେମିତି ତାଙ୍କୁ ଅପେକ୍ଷା କରିଥାଉ-ବାହାରେ ପଡ଼ି, ତାଙ୍କ ଫେରିବା ପାଦକୁ ଚାହିଁ, ଯେମିତି ନନ୍ଦନକାନନରେ ଜଳାଶୟରୁ ବାହାରି କୁମ୍ଭୀର ଛୁଆ ଇତସ୍ତତଃ ହୋଇ ଶୋଇ ଥାଆନ୍ତି । ଫରକ ଏତିକି ଯେ ସେମାନେ ନିରାପଦରେ, ମାତ୍ର ଆମେ ବହୁ ପରଲୋକଙ୍କ ପଦଦଳିତ ହେଉଥାଉ ବାହାରେ । ଇଜ୍ଜତ ମହତ ହରାଇଲେ ବି ସେବା ଦେବାକୁ ପ୍ରତୀକ୍ଷା କରି ପଡ଼ିଥାଉ । ଆମ ଭିତରେ ଯୋଉ ଚରଣ-ସେବକ ଅଧିକ ଦାମୀ ମାନେ ବ୍ରାଣ୍ଡେଡ୍ ସୁନ୍ଦରିଆ କି ଚକଚକିଆ-ଆଖିଦୃଶିଆ, ସେମାନେ ଚପଲ ଚୋରଙ୍କ ଲୋଭକୁ ଆସି ଗାଏବ ହୋଇଯାଆନ୍ତି । ଓଲଟା ଆମ ମାଲିକ ଆମକୁ ଗାଳିଦେଇ ଦୋଷାରୋପ କରନ୍ତି । ଆମର ବା ଦୋଷ କ'ଣ ? ତୁମେ ଯେ ଆମକୁ ନିରାପଦ ସ୍ଥାନରେ ନ ରଖି ପଳାଅ, ସେତକ କ'ଣ ଭାବିବାକୁ ଆମେ ମନା କରିଛୁ ? କିହୋ, ଆଜିକାଲି ତେମେ ପରା ସୁନ୍ଦରୀ ସ୍ତ୍ରୀକୁ ଘରେ ତାଲା ଦେଇ, ଅଫିସ କି ଅନ୍ୟ କାମରେ ବାହାରକୁ ଯାଉଛ, ଅଥଚ ଆମକୁ ଏତେ ଟଙ୍କାରେ କିଣି, କିଆଁ ଅବହେଳା କରୁଛ ? ପ୍ରକୃତରେ ଆମେ ମଣିଷ ପରି ବେଇମାନ ନୋହୁଁ। ଚରଣ-ସେବକ ସର୍ବଦା ହଳିଏ ହୋଇ ସାଥିରେ ରହି ଗତି କରାନ୍ତି ମାଲିକକୁ। ଚଲାଖିଆ କେହି କେହି ଆମ ଦୁଇଜଣକୁ ଏକତ୍ର ନ ରଖି ଅଲଗା ଅଲଗା ରଖିବାର କାରଣ, ଆମେ ଚୋରି ହେବୁନାହିଁ ବୋଲି। ଭଲକଥା ଆମେ କିନ୍ତୁ ଜନମରୁ ଯାଆଁଳା- ଦୁଃଖସୁଖ ନ ହୋଇ ମନର ଦୁଃଖ ମନରେ ମାରୁ ।

ଏଇ କେଇଦିନ ତଳେ ମୁଁ ବାଙ୍ଗାଲୋରରୁ ପାଞ୍ଚଶହ କିଲୋମିଟର ଦୂର ଉଡୁପି ନିକଟରେ ଥିବା ଗୋଟେ ଗାଁକୁ ପ୍ରସାଦ ବାବୁଙ୍କ ସୁପୁତ୍ର ସୌରଭ ସହିତ ମୋର ଏକ ଭାଣିଜୀ ପୂଜାର ସ୍ୱୀକାର-ପର୍ବ ସାମାଜିକ କର୍ମରେ ଯୋଗଦେବାକୁ ଯାଇ ଯାହା ଦେଖିଲି ଓ ଶିଖିଲି, ତାହା ନ କହିଲେ କେହି ଜାଣିବେନି । ସେହି ଗାଁରେ ବ୍ରାହ୍ମଣ ପରିବାର, ଯିଏ ପୁତ୍ରର ନିର୍ବନ୍ଧ ପାଇଁ ଶତାଧିକ ଲୋକଙ୍କୁ ଡାକିଥିଲେ । ସେଦିନ ଆମେ ଦେଖି ଆଶ୍ଚର୍ଯ୍ୟ ହେଲୁ ଯେ, ଆବାଳବୃଦ୍ଧବନିତାଙ୍କ ଦୁଇଶହରୁ ଅଧିକ ଚରଣ-ସେବକମାନଙ୍କୁ ଶୃଙ୍ଖଳିତ ଢଙ୍ଗରେ ଯଥା ସମ୍ମାନରେ ଯେପରି ସଜେଇ ରଖିଥିଲେ ଏବଂ ଶାନ୍ତି ଶୃଙ୍ଖଳା ରଖି ନୀରବରେ ଯେମିତି ବସିଥିଲେ, ଭାବୁଥିଲି ସେମାନେ କ'ଣ ପୃଥିବୀ ବାହାର ଖାଦ୍ୟ ଖାଇ, ସ୍ୱର୍ଗରୁ ଶିକ୍ଷା ପାଇଛନ୍ତି, ଆଉ ଆମେ କରିନୁ ? ତେବେ ସେମାନଙ୍କ ତୁଳନାରେ ଆମେ ଏତେ ସୁନ୍ଦର ବିଶୃଙ୍ଖଳିତ... କଥାରେ କାମରେ କାହିଁକି ? ଆମ ସଂସ୍କାର ତ ଚରଣରୁ ଆରମ୍ଭ ହୋଇନି । ତେଣୁ ତ୍ରୁଟି ଯାଏ ଜ୍ଞାନ ଉଠିନି ।

ଥରେ ମୁଁ ନୂଆ ଚରଣ-ସେବକ ହଳେ କିଣି ସଞ୍ଜବେଳେ ଗୋଟେ ମନ୍ଦିର ଭିତରେ ପଶିବା ଆଗରୁ କହିଲି- ତମେ ଏଇଠି ଥାଅ । ଘଣ୍ଟେ ପରେ ଆସିଲେ ଯିବା। ଠାକୁର ଦର୍ଶନ ପରେ ଆସି ଦେଖେ ତ ସେଇ ଚରଣ ସେବକରୁ ଗୋଟାକୁ ପୂରା ଆଉ ଗୋଟାକୁ ଅଧା ଚୋବେଇ ଖାଇ ସାରିଲାଣି



ଗୋଟାଏ କସରା କୁକୁର। ଆଉ ଦୁଇଜଣ ସ୍ୱାମୀ-ସ୍ତ୍ରୀଙ୍କ ଦୁଇହଳ କିଏ ହରଣଚାଳ କରିଥିବା ଜାଣି, ତାଙ୍କ ରୋଦନ ଅବସ୍ଥା ଦେଖି ମୋର ବୋଧନ ଶକ୍ତି ବଢ଼ିଗଲା। ଆମ ବିବେକ ଆଉ ମଣିଷ ପଣିଆ... ପଡ଼ୋଶୀ ଘରକୁ ଦେଖି... ତା'ଘରେ କ'ଣ ଅଛି, ଯାହା ଆମର ନାହିଁ... ଟିଭି, ଫ୍ରିଜ, ଏସି, ସୁନାଅଳଙ୍କାର, ଗାଡ଼ି ବାବଦରେ ବିଚାର କରୁ। ହେଲେ ମଣିଷପଣିଆର ଜ୍ଞାନ ଅର୍ଜନ କରୁ କେତେକେ ? ଆମ ଘରେ ଯଦି ଲାଇନ ନାହିଁ, ଆଗ ପଡ଼ୋଶୀ ଘରେ ଦେଖୁ, ତା'ର ଅଛି ନା କଟିଛି । ଯେବେ ତାଙ୍କର ବି ଅନ୍ଧାର, ଆମେ ଖୁସି । ନ ହେଲେ ଶୋଧାବକା ବିଜୁଳି ବିଭାଗକୁ। ଲୋକ ଅଛନ୍ତି, ଯିଏ ପଡ଼ୋଶୀଙ୍କୁ ବେଶି ଦୋଷଦେଇ କହନ୍ତି , ସେଇମାନେ ଚାଲ୍ କରି ପରା ଆମ ଲାଇନ କାଟିଛନ୍ତି। ତେଣୁ ସେହି ପଡ଼ୋଶୀଙ୍କ ଲାଇନ କାଟିବା କାମଟି ଦକ୍ଷତାର ସହ କରିପକାନ୍ତି । ତୁ ତ ମୂତୁରୀ ମୁଁ ତ ମୂତୁରୀ ହେଁସ କାହିଁ ପାଇଁ ଧୋଇବା ! ବେଳେବେଳେ ଜ୍ଞାନ ଏମିତି ଗଜୁରେ ଯେ, ଆମକୁ ଚରଣରୁ ନେଇ କାହା ଗାଲରେ, କାହା ପିଠିରେ, କାହା ବେକରେ ମନଇଚ୍ଛା ଲଦି, ବଡ଼ ହୀନିମାନ କରେଇଦିଅନ୍ତି ସତରେ ସେବ୍ୟମାନେ। ଯେଉଁ ଚରଣ-ସେବକ ଆଗରୁ ପାଉଥିଲା ସମ୍ମାନ, ତାରି ଦ୍ୱାରା ବି କରାଇ ପାରନ୍ତି ଅପମାନ ! ଚରଣ-ସେବକ ପୁଣି କହିଲେ, ଭାଇ ! ଆମ ଦୁଃଖର ଅନ୍ତ ନାହିଁ। କାଦୁଆ ନର୍ଦ୍ଦମାର ରାସ୍ତା ହେଉ କି ଡହଡହ ଖରାର ତତଲା ରାସ୍ତା ହେଉ, ସର୍ବଦା ସେବ୍ୟଙ୍କ ସୁରକ୍ଷା ସେବାରେ ଆମେ ନିୟୋଜିତ ରହିଥାଉ । ଆମେ ଘୋରିହୋଇ ବିବର୍ଣ୍ଣିଆ ଦେଖାଗଲେ, ମାଲିକଙ୍କ ସମ୍ମାନ ହାନି କାଳେ ହୋଇଯିବ ବୋଲି ଆମ ମୂଲ୍ୟ ଅନୁସାରେ ଚପଲ ମରାମତିଆଙ୍କ ପାଖରେ କଟାକଟି ଯୋଡ଼ାଯୋଡ଼ି କରି, ଆମକୁ ଧୂଳେଇ କରେଇ ପୁଣି ଚକଚକିଆ କରି ଚରଣରେ ସିନା ପିନ୍ଧନ୍ତି, ହେଲେ ବାବୁଙ୍କ ଆଚରଣ କୋଉ ବଦଳେ ନା ଚକଚକିଆ ହୁଏ ? ଆମକୁ ବାବୁମାନେ ବାହାର ଘରେ ଅବହେଳିତ କରି ରଖନ୍ତି, ଯେମିତି ଆଜିକାଲି ଅନେକେ ବୁଢ଼ା ମା'-ବାପାଙ୍କୁ ରଖିଲାପରି। ଗାଈ, ବଳଦ, ଘୋଡ଼ା, ଗଧଙ୍କଠୁ ଫାଇଦା ଉଠେଇ, ଶେଷରେ ତାଙ୍କୁ ରାସ୍ତାରେ ଫୋପାଡ଼ିବା ପରି । ହେଲେ ଗୋଟାଏ କଥା ବୁଝି ହୁଏନି, ଯେଉଁ ମା'-ବାପା ଏତେ ତ୍ୟାଗ କଲେ, ଯେଉଁ ପ୍ରାଣୀ ଏତେ ସେବା କଲା ମଣିଷ ମାଲିକର, ସେମାନେ ସ୍ୱାର୍ଥ ପାଇଁ କେମିତି ବଦଳି ଯାଆନ୍ତି ଏଡେ ନିଷ୍ଠୁର ଭାବରେ ! ଯେଉଁ ମୁହଁରେ ପ୍ରଶଂସା କରୁଥିଲେ, ଫାଦର ମାଇଁ ଡିଅର ଫାଦର କହି ଫାଇଦା ଉଠାଉଥିଲେ, ସେଇ ମୁହଁରେ ଘୋର ନିନ୍ଦା କେମିତି କରନ୍ତି ? ଆମେ ଚରଣ-ସେବକ ବହୁ ପ୍ରକାରେ ଯଥା ଜୋତା, ଚପଲ, ବୁଟ, ସାଣ୍ଡେଲ, ହାଇହିଲ୍ ଭାବରେ ନାମିତ ହେଲେ ବି, ଯେତେ ଅପମାନିତ ଅବହେଳିତ ହେଲେ ମଧ୍ୟ, ଯେତେ କଷ୍ଟ ସହିଲେ ବି କେବେ ମାଲିକଙ୍କ ଇଚ୍ଛା ବିରୋଧରେ ଯାଇନୁ କି କିଛି ଅଭିଯୋଗ କରିପାରିନାହୁଁ। ମାତ୍ର ମଣିଷ ? ତାଙ୍କ ଚରଣ ତଳେ ଆମକୁ ନିଇତି ଦେଖି, ନା ଆଚରଣରେ କି ଉଚ୍ଚାରଣରେ କିଛି ବି ଫରକ ଆଣେନି! କେବେ ଚେଲା ସାଜି ଗୁରୁଙ୍କ ଗଳା କାଟିପାରେ ତ ପୁଣି ଆପଣା ଫାଇଦା ହାସଲ ନ ହେଲେ, ଆଦର୍ଶ ନେତାଙ୍କୁ ନିନ୍ଦିତ ଦୋଷୀ ସାବ୍ୟସ୍ତ କରି କରେଇପାରେ । ସ୍ୱାର୍ଥ ପାଇଁ ଦେଶଦ୍ରୋହୀ ହୋଇଯାଏ। ଯେଉଁ ଦେଶର ଖାଏ... ତାହାରି ନିନ୍ଦା ଗାଏ ! ଗଦ୍ଦାର ସାଜିପାରେ ! ମାତ୍ର ଆମେ ଚପଲ, ଯେତେ ଚାପରେ ପଡିଲେ ବି, ଏମିତିକି ସେବା ଦେଇଦେଇ ଛିଣ୍ଡି ଖତ-ଗଦାରେ କି ଖାତରେ ଫିଙ୍ଗାଗଲେ ମଧ୍ୟ କେବେ କ'ଣ ଗଦ୍ଦାରୀ ହୋଇପାରିଛୁ କି ? ଯେଉଁ ଜଙ୍ଗଲ ବା ଗଛ ପାଇଁ ଜୀବଜଗତ ମଣିଷ ସମାଜ ବଞ୍ଚେ, ମଣିଷ ସେଇ ଗଛର କାଠ ଖଣ୍ଡକୁ କୁରାଢ଼ିର ବେଣ୍ଟ ବନେଇ ତାରି ବଂଶ- ବଣ ଜଙ୍ଗଲ ନାଶ କରେ। ଏହି ମଣିଷ ହିଁ ମଣିଷ ସମାଜ ଧ୍ୱଂସର କାରଣ, ଏଥିରେ ବୁଝିବାରେ ବାକି ରହିଲା କ'ଣ ? କେଜାଣି ସେବାକୁ ଖାଇବା ବା ଗିଳିବା ଅର୍ଥରେ ଯେବେ ବୁଝୁଥିବେ, ଏମିତି କରୁଥିବେ । ଯେମିତି ପ୍ରସାଦ ସେବନ, ତୁଳସୀ ସେବନ, ଔଷଧ ସେବନ କର କହିଲେ ଯାହା ବୁଝି ଥାଆନ୍ତି ..!

ଚରଣ-ସେବକ ସଭାପତିଙ୍କ ଦୁଃଖ କାହାଣୀ ଶୁଣିଶୁଣି ମୁଁ ମୋର ଚରିତ୍ରର ତର୍ଜମା କରୁଥିଲି। ମଣିଷ ପଣିଆର ମାପକାଠିରେ, ଚପଲ ଚରିତ୍ର ସହିତ ନିଜକୁ ତୁଳନାକରି ଦେଖୁଥିଲି।


-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ମୃତ୍ୟୁ ଓ ପରକାଳ ତତ୍ତ୍ୱ

**ସଂକଳକ ସୁଧାକର ମନ୍ତ୍ରୀ, ପ୍ରକାଶକ- ନୀଳାଚଳ ସାରସ୍ୱତ ସଂଘ କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ, ଗୋପ, ପୁରୀ, ମୂଲ୍ୟ- ୫୦୦ଟଙ୍କା**

ଆଧ୍ୟାତ୍ମବାଦୀମାନଙ୍କ ଦୃଷ୍ଟିରେ ପରକାଳ ତତ୍ତ୍ୱର ଯେଉଁ ବିଭିନ୍ନ ସୂକ୍ଷ୍ମ ରହସ୍ୟମାନ ଉଦ୍‌ଘାଟିତ ହୋଇଛି, ଏହି ପୁସ୍ତକରେ ତାହାର ଯତ୍ କିଞ୍ଚିତ୍ ଆଲୋଚନା କରାଯାଇଛି। ପୁସ୍ତକର ଦ୍ୱିତୀୟ




ଭାଗରେ ପରକାଳ ରହସ୍ୟ, ଜୀବାତ୍ମାର ବନ୍ଧନ ଓ ମୁକ୍ତି, ପିତୃଯାନ ଓ ଦେବଯାନ ଗତି, ଗର୍ଭଯାତନା ଓ ଜୀବାତ୍ମାର ଗତାଗତି, ଅଦୃଶ୍ୟ ଜଗତର ବିଚିତ୍ର ରହସ୍ୟ, ତୃତୀୟ ଭାଗରେ ଦିବ୍ୟ ମିଡିୟମ ବିଜ୍ଞାନ ତତ୍ତ୍ୱ, ପୂର୍ବଜନ୍ମ ଓ ପରଜନ୍ମ ଓ ଚତୁର୍ଥ ଭାଗରେ ଭାଗବତ ପୁରାଣରେ ଅଧଃ ସପ୍ତଲୋକର ବର୍ଣ୍ଣନା ଆଦି ବିଷୟରେ ଅବଗତ କରାଯାଇଛି। ମାନବାତ୍ମା ହେଉଛି ଶାଶ୍ୱତ, ଅମର, ନିର୍ମଳ ଓ ଅସୀମ। ମୃତ୍ୟୁ ହେଉଛି ଏକ ଘଟରୁ ଅନ୍ୟ ଘଟକୁ ଆତ୍ମାର ପ୍ରସ୍ଥାନ। ବର୍ତ୍ତମାନର କର୍ମ ଭବିଷ୍ୟତ ରଚନା କରିଥାଏ। ଏଭଳି ବିଭିନ୍ନ ବିଷୟରେ ପୁସ୍ତକରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ପୁସ୍ତକଟି ଆଧ୍ୟାତ୍ମିକତାରେ ରୁଚି ରଖୁଥିବା ପାଠକଙ୍କୁ ଆମୋଦିତ କରିବ ।

### ଛାତିଏ ରାତି

**ସତ୍ୟ ଶିବ ସୁନ୍ଦର ଦାସ, ପ୍ରକାଶକ- ପଶ୍ଚିମା ପବ୍ଲିକେଶନସ୍ ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ- ୧୨୯ ଟଙ୍କା।**

ଏଥିରେ ୪୭ଟି କବିତା ସ୍ଥାନ ପାଇଛି । ଖଟିଖିଆ ମଣିଷର ମନର କଥା ଏବଂ ନିଜ ଚାରିପାଖରେ ଘଟୁଥିବା ପ୍ରତିଦିନର କଥା ଆଉ ବ୍ୟଥାକୁ କବିତା ମାଧ୍ୟମରେ ପରିପ୍ରକାଶ କରି କବି ନିଜ ମନକୁ ହାଲ୍‌କା କରିଛନ୍ତି । ପ୍ରଥମ କବିତାର ନାଁ ହେଉଛି, ପ୍ରେମିକାର ନାଁ ରାତି। ତେଣୁ ଏଥିରୁ ଅନୁମେୟ ଯେ, ଏଠି ରାତିକୁ କୌଣସି ପ୍ରତୀକଭାବରେ କବି ନେଉ ନାହାନ୍ତି ବରଂ କିଛି ରହସ୍ୟ, ରୋମାଞ୍ଚ ଓ କିଛି ଅଲଗା ଆବେଗର ପ୍ରତିନିଧି ଭାବରେ ବ୍ୟବହାର କରିଛନ୍ତି। ସେହିପରି କେତେକ କବିତାକୁ ଦେଖିଲେ ମଧ୍ୟ ସେମିତି ଲାଗେ । ଜୀବନ ଆଉ ମୃତ୍ୟୁକୁ କିଭଳି କବି ଦେଖିଛନ୍ତି ତାର ନିଚ୍ଛକ ଚିତ୍ର କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି। ଆଶା ପୁସ୍ତକଟି ନିଶ୍ଚୟ ପାଠକୀୟତା ଲାଭ କରିବ ।



# ଦାମୀ ଲିପ୍‌ଷ୍ଟିକ୍

ମହିଳାମାନଙ୍କୁ ଲିପ୍‌ଷ୍ଟିକ୍ କେତେ ପସନ୍ଦ ତାହା ନ କହିବା ଭଲ । ବିଭିନ୍ନ ପ୍ରକାର ଲିପ୍‌ଷ୍ଟିକ୍ ଥାଏ ତାଙ୍କ ପାଖରେ । ବହୁ ନାମୀଦାମୀ ବ୍ରାଣ୍ଡର ଲିପ୍‌ଷ୍ଟିକ୍ ବି ସେମାନେ ବ୍ୟବହାର କରନ୍ତି । ତେବେ ଏମିତି ଏକ ଲିପ୍‌ଷ୍ଟିକ୍ ଅଛି ଯାହାକୁ ପାଇବା ଲାଗି ସବୁ ମହିଳା ଚାହିଁବେ । ହେଲେ ତାକୁ ପାଇବା ସାତସପନ । କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ଲିପ୍‌ଷ୍ଟିକ୍ । ଆଉ ଏହାର ଦାମ ହେଉଛି ୧୧୫ କୋଟି । ଯେଉଁଥିରେ କି ଲକ୍‌ଜ୍ୟୁରିୟସ୍ ଘର, କାର୍ ସହ ସବୁପ୍ରକାରର ଲକ୍‌ଜ୍ୟୁରୀ ଆଇଟମ୍ କିଣି ହୋଇଯିବ । ତେବେ ବିଶ୍ୱାସ ହେଉ ନ ଥିବ ଯେ ଏକ ଛୋଟିଆ ଲିପ୍‌ଷ୍ଟିକ୍‌ର ମୂଲ୍ୟ ପୁଣି ଏତେ ହୋଇପାରେ ବୋଲି । ହେଲେ ଏହା ସତ । 'ଏଚ୍ କାଉଚର୍ ବ୍ୟୁଟି ଡାଇମଣ୍ଡ' ହେଉଛି ଏହି ଲିପ୍‌ଷ୍ଟିକ୍‌ର ନାଁ । ଭାବୁଥିବେ ଏହି ଲିପ୍‌ଷ୍ଟିକ୍‌ର ମୂଲ୍ୟ ଏତେ ଅଧିକ କାହିଁକି ? ପ୍ରକୃତ କଥା ହେଉଛି ଏହି ଲିପ୍‌ଷ୍ଟିକ୍‌ର କଭରରେ ୧୮ କ୍ୟାରେଟ୍ ସୁନାର ଆସ୍ତରଣ ରହିଛି । ତା'ସହ ଏହା ଉପରେ ୧୨୦୦ଟି ହୀରା ଖଚିତ ହୋଇଛି । ଯିଏ ବି ଏହି ଲିପ୍‌ଷ୍ଟିକ୍ କିଣିବେ ତାଙ୍କୁ ଲାଇଫ୍ ଟାଇମ୍



ରିଫିଲ ଓ ବ୍ୟୁଟି ସର୍ଭିସ୍‌ର ପ୍ୟାକେଜ୍ ମିଳିବ । ଭାବୁଥିବେ କିଏ ବା ଏତେ ଦାମୀ ଲିପ୍‌ଷ୍ଟିକ୍ କିଣିବ ? ପୃଥିବୀର କେତେଜଣ ହାତଗଣତି ଧନିକ ବ୍ୟକ୍ତି ହିଁ ଏହାକୁ ଯାହା କିଣିପାରିବେ ।

# ବଟର୍‌ରେ ସ୍ଥାପତ୍ୟ

ବ୍ୟାକ୍ ପେଜ୍





ବଟର୍ ବା ମାଖନ୍ ଥିଲା ଶ୍ରୀକୃଷ୍ଣଙ୍କର ଭାରି ପ୍ରିୟ । ସେ ନିଜ ସଖାମାନଙ୍କ ସହ ଏହାକୁ ଲୁଚାଇ ଖାଉଥିବାର ଅନେକ କଥା ଆମେ ଶୁଣିଛେ । ଦୁଗ୍ଧ ଜାତୀୟ ଏହି ଖାଦ୍ୟଟି ପ୍ରାୟ ସମସ୍ତଙ୍କୁ ଭଲ ଲାଗିଥାଏ । ତେବେ ଆମେରିକାର ମିନେସୋଟାରେ ଏହି ବଟର୍‌କୁ ନେଇ ଆୟୋଜିତ ହୁଏ ଏକ ନିଆରା ପ୍ରତିଯୋଗିତା, ଯେଉଁଥିରେ କଳାକାରଙ୍କୁ ବଟର୍ ବା ମାଖନ୍‌ର ସ୍ଥାପତ୍ୟ ଗଢିବାକୁ ହୁଏ । ସେ ପୁଣି ଅବିକଳ ଜୀବନ୍ତ ମଣିଷର ଚେହେରା ପରି । କାରିଗରମାନେ ଏତେ ସୁନ୍ଦର ମାଖନ୍‌ର ସ୍ଥାପତ୍ୟ ଗଢନ୍ତି ଯେ ଆଖି ଲାଖି ରହିଯାଏ । ତା'ସହ ଏତେ ମାଖନ୍ ଦେଖି ଲୋଭ ବି ବଢେ । ଉକ୍ତ ପ୍ରତିଯୋଗିତାରେ ଖାସ୍‌କରି ମିଲ୍କି ୱେ ପ୍ରତିଯୋଗିତାର ବାରଜଣ ଫାଇନାଲିଷ୍ଟ, ଯେଉଁମାନଙ୍କ ବୟସ ୧୬-୨୩ ବର୍ଷ ଭିତରେ ଥାଏ ସେମାନଙ୍କର ମାଖନ୍‌ର ପ୍ରତିମୂର୍ତ୍ତି କାରିଗରମାନେ ଗଢନ୍ତି । ଏହି ପ୍ରତିମୂର୍ତ୍ତି ୯୦ ପାଉଣ୍ଡ ମାଖନ୍‌ର ଖଣ୍ଡକୁ ଖୋଦେଇ କରି କରାଯାଇଥାଏ । ବାରଦିନର ଏହି ପ୍ରତିଯୋଗିତାରେ ପ୍ରତିଦିନ ଜଣେ ଜଣେ ଫାଇନାଲିଷ୍ଟଙ୍କର ପ୍ରତିମୂର୍ତ୍ତି ତିଆରି କରାଯାଏ । ଗୋଟେ ଗୋଟେ ପ୍ରତିମୂର୍ତ୍ତି ଗଢିବାକୁ ପ୍ରାୟ ୬ ଘଣ୍ଟା ସମୟ ଲାଗେ । ପରେ ଏଗୁଡ଼ିକୁ ଏକ ଥଣ୍ଡା ଡିସ୍‌ପ୍ଲେ କେସ୍‌ରେ ସାଧାରଣ ଲୋକଙ୍କ ପାଇଁ ପ୍ରଦର୍ଶିତ ହୋଇଥାଏ । ଯାହାର ପ୍ରତିମୂର୍ତ୍ତି ସର୍ବଶ୍ରେଷ୍ଠ ହୋଇଥାଏ ତାଙ୍କୁ ବିଜେତା ଘୋଷଣା କରାଯାଏ । ପ୍ରତିଯୋଗିତା ଶେଷରେ ମିଲ୍କି ୱେ ପ୍ରତିଯୋଗିତାର ପ୍ରତିଯୋଗୀମାନେ ନିଜ ନିଜର ପ୍ରତିମୂର୍ତ୍ତି ଘରକୁ ନେଇପାରିବେ ।




# କୁକୁର କରୁଛି ଟାଇଟ୍ ରୋପ୍ ୱାକ୍



ସର୍କସ୍‌ରେ ଦେଖିଥିବେ କିଛି ଦୁଃସାହସୀ ମଣିଷ ଗୋଟିଏ ମୁଣ୍ଡରୁ ଆରମୁଣ୍ଡ ପର୍ଯ୍ୟନ୍ତ ବନ୍ଧାଯାଇଥିବା ଦଉଡ଼ି ଉପରେ ସନ୍ତୁଳନ ରକ୍ଷା କରି ଚାଲିଥାନ୍ତି । ବେଶ୍ ଆଶ୍ଚର୍ଯ୍ୟ ଲାଗେ ଏତେ ସରୁ ଦଉଡିରେ ସେମାନେ କେମିତି ଏଭଳି ଚାଲିପାରନ୍ତି । ତେବେ ଏମାନେ ତ ହେଉଛନ୍ତି ମଣିଷ । ଆଉ ମଣିଷ ସବୁ ଅସମ୍ଭବକୁ ସମ୍ଭବ କରିପାରେ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ କିଛି ଦୂରତା ଅନ୍ତରରେ ଥିବା ଦୁଇ ଗଛରେ ବନ୍ଧା ଯାଇଥିବା ଦଉଡି ଉପରେ ଏକ କୁକୁର ନିଜ ଗୋଡରେ ସନ୍ତୁଳନ ରକ୍ଷା କରି ମଣିଷ ଭଳି ଚାଲିପାରୁଛି । ଏହି କୁକୁରର ନାଁ ହେଉଛି 'ଓଜି' । ସେ ୧୧.୪ ଫୁଟ୍ ଲମ୍ବା ଦଉଡି ଉପରେ ସନ୍ତୁଳନ ରକ୍ଷା କରି ଚାଲି ୧୮.୨୨ ସେକେଣ୍ଡରେ ପାର୍ କରିଛି । ୟୁକେର ନରୱିଚରେ ରହୁଥିବା ଓଜିର ମାଲିକ ହେଉଛନ୍ତି ନିକ୍ ଜନସନ୍ । ତାଙ୍କ ପାଖରେ କୁକୁରଙ୍କୁ ତାଲିମ ଦେବାର କୌଣସି ଅଭିଜ୍ଞତା ନାହିଁ । ହେଲେ ଇଣ୍ଟରନେଟ୍‌ରୁ ଦେଖି ଦେଖି ସେ ଓଜିକୁ ତାଲିମ ଦେଇଥିଲେ । ଆଉ ସେଇଥିରେ ସବୁଠାରୁ କମ୍ ସମୟରେ ଟାଇଟ୍ ରୋପ୍ ୱାକ୍ କରିଥିବା କୁକୁର ଭାବେ ଓଜି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା ।